ଗିଲ୍ ଓ ଶେଫାଳି ହେଲେ ମାସର ଶ୍ରେଷ୍ଠ ଆଇସିସି ଖେଳାଳି

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ବର୍ଗାଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ସଂଖ୍ୟା : ୧୬ ଏବଂ ୮ ପୃଷ୍ଠା ରଙ୍ଗିନ୍

8 Pages, ₹ 2.00

● ବର୍ଷ–ତୀନ୍ତି ● ସଂଖ୍ୟା–୨୫୫ ● ୧୪ ଅକ୍ଟୋବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-255 ● 14th October 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ରାଜ୍ୟ କ୍ୟାବିନେଟ୍‌ରେ ୧୬ ପ୍ରସ୍ତାବକୁ ମଞ୍ଜୁରୀ

ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ

ଭୁବନେଶ୍ୱର, ୧୩।୧୦
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ସନ୍ଧ୍ୟାରେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀମଣ୍ଡଳ ବୈଠକରେ ୧୧ଟି ବିଭାଗର ମୋଟ ୧୬ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି ।

ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଥିବା ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶା ରାଜ୍ୟ କ୍ୟାବିନେଟରେ ସଂକଳ୍ପ ପାରିତ ହୋଇଥିବା ସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ ।

ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକରେ ନିଆଯାଇଥିବା ଅନ୍ୟ ସମସ୍ତ ପ୍ରସ୍ତାବର ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଥିଲେ ।

ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋଦୀଙ୍କ ନିରବଚ୍ଛିନ୍ନ ସେବା, ସମର୍ପଣ ଓ ଦୃଢ଼ ସଂକଳ୍ପ ଦେଶର ଗଣତାନ୍ତ୍ରିକ ତଥା ପ୍ରଶାସନିକ ଇତିହାସରେ ଏକ ବିରଳ ଉଦାହରଣ ।

୨୦୨୬ ଅକ୍ଟୋବର ୭ ତାରିଖରେ ମୋଦୀ ଜଣେ ଶାସନ ମୁଖ୍ୟ ଭାବେ ଦେଶବାସୀଙ୍କ ସେବାରେ ୨୫ ବର୍ଷ ପୂରଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଦେଶର ବିକାଶ ଓ ଜନକଲ୍ୟାଣ ପ୍ରତି ତାଙ୍କର ଅବଦାନକୁ ପ୍ରଶଂସା କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋଦୀଙ୍କ ଅସାଧାରଣ ନେତୃତ୍ୱ ଓ ସେବା ମନୋଭାବ ପ୍ରତି ଦେଶବାସୀଙ୍କ ଅତୁଟ ସମର୍ଥନ ରହିଛି । ୨୦୧୪ ମେ ୨୬ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ ପରଠାରୁ ଦେଶ ଦ୍ରୁତଗତିରେ ବିକଶିତ ଭାରତର ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି । ଭିତ୍ତିଭୂମି ବିକାଶ, ଶିକ୍ଷାୟନ, ଆତ୍ମନିର୍ଭରଶୀଳତା, ଯୁବଶକ୍ତିର ଦକ୍ଷତାର ଉପଯୋଗ ଏବଂ ଗରିବଙ୍କ ସାମାଜିକ-ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଭଳି କ୍ଷେତ୍ରରେ ଅନେକ ପଦକ୍ଷେପ ନିଆଯାଇଛି ।

୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ହାସଲ ପାଇଁ ମୋଦୀ ମହିଳା, କୃଷକ, ଗରିବ ଓ ଯୁବବର୍ଗଙ୍କ ସଶକ୍ତିକରଣକୁ ପ୍ରାଥମିକତା ଦେଇଆସୁଛନ୍ତି । ଏହି ଚାରି ବର୍ଗର ବିକାଶ ମାଧ୍ୟମରେ ସମଗ୍ର ଦେଶକୁ ସଶକ୍ତ କରିବା ସହ ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମି ଓ ସରକାରୀ ସହାୟତା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋଦୀଙ୍କ ନେତୃତ୍ୱରେ ୨୦୧୪ ପୂର୍ବର ଭାରତ ତୁଳନାରେ ଆଜିର ଭାରତରେ ବ୍ୟାପକ ପରିବର୍ତ୍ତନ ଘଟିଛି । 'ଇଣ୍ଡିଆ ଫାଷ୍ଟ' ନୀତିକୁ ଆଧାର କରି ଦେଶର ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି । ଗରିବ ପରିବାରରୁ ଆସିଥିବାରୁ ମୋଦୀ ଗରିବଙ୍କ ସମସ୍ୟାକୁ ନିକଟରୁ ବୁଝିପାରିଛନ୍ତି । ଏହାର ପ୍ରତିଫଳନ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି । ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ନିକଟରେ ବିକାଶର ସୁଫଳ ପହଞ୍ଚାଇବା ଲକ୍ଷ୍ୟରେ ଅନ୍ତ୍ୟୋଦୟ ନୀତିକୁ ଗୁରୁତ୍ୱ ଦିଆଯାଉଛି । ମୋଦୀଙ୍କ ୧୨ ବର୍ଷର ପ୍ରଧାନମନ୍ତ୍ରିତ୍ୱ କାଳରେ ୨୫ କୋଟିରୁ ଅଧିକ ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । କୋଭିଡ୍ ମହାମାରୀ, ଆତଙ୍କବାଦୀ କାର୍ଯ୍ୟକଳାପ *(ପୃଷ୍ଠା ୭ରେ)*

ମୋଦୀଙ୍କ ୨୫ ବର୍ଷର ଜନସେବା ପୂର୍ତ୍ତି: ଅଭିନନ୍ଦନ ଜଣାଇ ଓଡ଼ିଶା କ୍ୟାବିନେଟର ସଂକଳ୍ପ ପାରିତ

ମେଟ୍ରୋ ଓ ଟ୍ରେନ୍ ଚଳାଚଳ କଟକଣା ନେଇ ସୁପ୍ରିମକୋର୍ଟଙ୍କ ଜବାବ ତଲବ

ନୂଆଦିଲ୍ଲୀ, ୧୩।୧୦

ଦିଲ୍ଲୀରେ ପ୍ରତିବାଦ ପୂର୍ବରୁ ମେଟ୍ରୋ ଷ୍ଟେସନ୍ ବନ୍ଦ ଓ ଟ୍ରେନ୍ ଚଳାଚଳରେ କଟକଣା ଲଗାଯିବା ସମ୍ପର୍କିତ ମାମଲାର ଶୁଣାଣିକୁ ସୁପ୍ରିମକୋର୍ଟ ଆସନ୍ତା ୧୫ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି । ମଙ୍ଗଳବାର ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ବିଚାରପତି ଜଷ୍ଟିସ୍ ଭି. ମୋହନା ଅସୁସ୍ଥ ଥିବାରୁ ଶୁଣାଣି ଘୁଞ୍ଚାଇବାକୁ ପଡ଼ିଛି । ଏଥିସହିତ ମେଟ୍ରୋ ଓ ରେଳ ସେବା ବନ୍ଦ ସମ୍ପର୍କରେ ଆବେଦନକାରୀଙ୍କ ଅଭିଯୋଗ ଉପରେ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ କରିବାକୁ ଅଧିକ ସମୟ ଦିଆଯାଇଛି ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାର ଥିଲା । ଜଷ୍ଟିସ୍ ମୋହନା ଅସୁସ୍ଥ ଥିଲେ ମଧ୍ୟ ଅଦାଲତକୁ ଆସିଥିବା କଥା ପ୍ରଧାନ ବିଚାରପତି ଓକିଲମାନଙ୍କୁ

ଜଣାଇଥିଲେ । ଏହାପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସ୍ୱାସ୍ଥ୍ୟଗତ କାରଣକୁ ଗୁରୁତ୍ୱ ଦେଇ ଶୁଣାଣି ଘୁଞ୍ଚାଇବାକୁ ଅନୁରୋଧ କରିଥିଲେ । ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ମଧ୍ୟ ଏଥିରେ ସହମତି ଜଣାଇଥିଲେ ।

ଅକ୍ଟୋବର ୧୦ରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ ପୂର୍ବରୁ ଦିଲ୍ଲୀରେ ମେଟ୍ରୋ ଷ୍ଟେସନ୍ ବନ୍ଦ ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଦାଖଲ ହୋଇଥିବା ଆବେଦନରେ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଉଲ୍ଲଂଘନ କରାଯାଇଥିବା ଦାବି କରାଯାଇଛି । ମେଟ୍ରୋ ଓ ରେଳ ସେବା ସମ୍ପୂର୍ଣ୍ଣ ବନ୍ଦ ନ କରିବାକୁ କୋର୍ଟ ପୂର୍ବରୁ କହିଥିଲେ ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଜଣେ ସାମ୍ବାଦିକଙ୍କ ପକ୍ଷରୁ ଦାଖଲ ଅବମାନନା ଆବେଦନର ଜରୁରୀ ଶୁଣାଣି ଦାବି କରିଥିଲେ । ଏହି ମାମଲାରେ କେନ୍ଦ୍ର ସରକାରଙ୍କ ଜବାବୀ ସତ୍ୟପାଠ ମଙ୍ଗଳବାର ସୁଦ୍ଧା ଦାଖଲ ହେବାର ଥିଲା । ସଲିସିଟର ଜେନେରାଲ ମେହେଟ୍ଟା କହିଥିଲେ ଯେ ସତ୍ୟପାଠ ପ୍ରସ୍ତୁତ ଅଛି, କିନ୍ତୁ ଏହାକୁ ଅଧିକ ସମ୍ପୂର୍ଣ୍ଣ କରିବା ପାଇଁ କିଛି ତଥ୍ୟ ଯୋଡ଼ିବାକୁ ଚାହୁଁଛନ୍ତି । ଖଣ୍ଡପୀଠ ଅକ୍ଟୋବର ୧୫ ପର୍ଯ୍ୟନ୍ତ ସମୟ ବଢ଼ାଇବା ସହ ଜବାବର ନକଲ ଆବେଦନକାରୀଙ୍କ ଓକିଲମାନଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଘାଟିକିଆ ଓ ଗାଡ଼କଣରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପିତ

ଉପକୃତ ହେବେ ୧,୬୦୮ ପରିବାର

ଭୁବନେଶ୍ୱର, ୧୩।୧୦
ନ୍ୟୁଜ୍ ବ୍ୟୁରୋ

ଆମେ ଏପରି ଏକ ଭୁବନେଶ୍ୱର ଗଢିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ, ଶ୍ରମିକ ମାନେ ସୁଲଭ ଆବାସ ପାଇ ପାରିବେ, ଯୁବପିଢି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପ୍ରତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଘାଟିକିଆ ଠାରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ ଅବସରରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡ଼କଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ

ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ସହ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୧୨ଟି ଅତ୍ୟାଧୁନିକ ଖେଳ ପଡିଆ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ୍ୟ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ପରେ ଜଣେ ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି 'ମୁଣ୍ଡ ଉପରେ ଛାତ' । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ଘର ନିର୍ମାଣ ନୁହେଁ, ବରଂ ଶୌଚାଳୟ, ପାଇପ୍ ଯୋଗେ ପିଇବା ପାଣି, ବିଦ୍ୟୁତ୍ ଏବଂ ରନ୍ଧନ ଗ୍ୟାସ ଯୋଗାଇ ଦେଇ ଗରିବ ପରିବାରଙ୍କ *(ପୃଷ୍ଠା ୭ରେ)*

କେନ୍ଦ୍ରମନ୍ତ୍ରୀ ଏଲ. ମୁରୁଗାନଙ୍କ ଇସ୍ତଫା

ନୂଆଦିଲ୍ଲୀ, ୧୩।୧୦

କେନ୍ଦ୍ର ସୂଚନା ଓ ପ୍ରସାରଣ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏଲ. ମୁରୁଗାନ ମଙ୍ଗଳବାର ମନ୍ତ୍ରୀ ପଦ ଓ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଏହି ମର୍ମରେ ଏକ ଚିଠି ଲେଖି ନିଜ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ମୁରୁଗାନ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର *(ପୃଷ୍ଠା ୭ରେ)*

ପାକିସ୍ତାନରେ ଜରୁରୀକାଳୀନ ପରିସ୍ଥିତି

ଇସ୍ଲାମାବାଦ, ୧୩।୧୦

ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱାରେ ଜରୁରୀକାଳୀନ ପରିସ୍ଥିତି ସୃଷ ହୋଇଛି । ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇଥିବା ବେଳେ ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନକୁ ବନ୍ଦ କରିଦିଆଯାଇଛି । ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି । ସଂଘର୍ଷରେ ମୃତାହାତଙ୍କ *(ପୃଷ୍ଠା ୭ରେ)*

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୯୨୯ (-୩୯)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୮୫ (-୩୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୯୭ (-୨୯)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (-୫)

ନିର୍ଭୟା ପଦକ୍ଷେପରେ ସମ୍ବଲପୁରରେ ମହିଳା ସୁରକ୍ଷାକୁ ମିଳିବ ନୂଆ ଦିଗ

୧୦ କୋଟିରେ ୮୦୦ ସିସିଟିଭି କ୍ୟାମେରା, ୧୫ଟି ଜରୁରୀକାଳୀନ ଯାନ ପ୍ରସ୍ତାବ

ଭୁବନେଶ୍ୱର, ୧୩।୧୦
ନ୍ୟୁଜ୍ ବ୍ୟୁରୋ

ମହିଳା ଓ ବାଳିକାଙ୍କ ପାଇଁ ସୁରକ୍ଷିତ, ସମାବେଶୀ ଓ ଭୟମୁକ୍ତ ସହର ଗଠନ ଲକ୍ଷ୍ୟରେ ନିର୍ଭୟା ପଦକ୍ଷେପ ଅଧୀନରେ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଯୋଜନାର ସମୀକ୍ଷା ପାଇଁ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ । ସମ୍ବଲପୁର ଜିଲ୍ଲାପାଳ

ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରସ୍ତାବିତ ଯୋଜନାଗୁଡ଼ିକର ରୂପରେଖ ଉପସ୍ଥାପନ କରିଥିଲେ ।

ଏହି ପଦକ୍ଷେପ ଅଧୀନରେ ମୋଟ ୧୦ କୋଟି ଟଙ୍କାର ଆନୁମାନିକ ବ୍ୟୟରେ ନଅଟି ପ୍ରମୁଖ ଉଦ୍ୟମ ପ୍ରସ୍ତାବିତ ହୋଇଛି । ଏଥିରେ ମହିଳା ପୋଲିସଙ୍କ ଦ୍ୱାରା *(ପୃଷ୍ଠା ୭ରେ)*

କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ କଥା ହେଲେ ମୋଦୀ

ନୂଆଦିଲ୍ଲୀ, ୧୩।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି । ଉଭୟଙ୍କ ମଧ୍ୟରେ ଏକ ଫଳପ୍ରଦ କଥାବାର୍ତ୍ତା ହୋଇଛି ବୋଲି ମୋଦୀ କହିଛନ୍ତି । ଭାରତ-କାନାଡ଼ା ସମ୍ପର୍କକୁ ଏକ ସକାରାତ୍ମକ ଗତି ଦେବା ପାଇଁ ଉଭୟ ନେତା ରାଜି ହୋଇଛନ୍ତି ବୋଲି ମୋଦୀ କହିଛନ୍ତି ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ୍ କରି ମୋଦୀ କହିଛନ୍ତି, ବାଣିଜ୍ୟ, ଶକ୍ତି, ପ୍ରଯୁକ୍ତି , ସୁରକ୍ଷା ଏବଂ ଜନ ସମ୍ପର୍କ ଉପରେ ସେମାନେ ଆଲୋଚନା କରିଛନ୍ତି । ଉଭୟ ରାଷ୍ଟ୍ର ଅଧିକ ସ୍ଥିର ଏବଂ ଏକ ସମୃଦ୍ଧ ବିଶ୍ୱ ଦିଗରେ ଏକାଠି କାମ କରୁଛନ୍ତି ଏବଂ ବାଣିଜ୍ୟିକ ସମ୍ପର୍କରେ ହୋଇଥିବା ପ୍ରଗତିକୁ ସୁଦୃଢ଼ କରିବା ଦିଗରେ ଉଭୟ ନେତା ରାଜି ହୋଇଛନ୍ତି ବୋଲି ମୋଦୀ କହିଛନ୍ତି ।

ତେବେ ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଭାରତ ମାର୍କ କାର୍ନିଙ୍କୁ ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସରେ ଏହାର ମୁଖ୍ୟ ଅତିଥି କରିବାର ସମ୍ଭାବନା ରହିଛି । ମୋଦୀ ମଧ୍ୟ ଆସନ୍ତା ଡିସେମ୍ବରରେ କାନାଡ଼ା ଗସ୍ତ କରିବେ ।

ମାନହାନି ମାମଲାରେ ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୩।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି ମିଳିଛି । ସୁପ୍ରିମକୋର୍ଟ ଏହି ମାମଲାରେ ଶୁଣାଣି ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି । ମୋଦୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ରାହୁଲଙ୍କ ବିରୋଧରେ ଚାଲିଥିବା ଫୌଜଦାରୀ ମାନହାନି ମାମଲାର ବିଚାର ଉପରେ ଶୀର୍ଷକୋର୍ଟ ରୋକ ଲଗାଇ ତଳ କୋର୍ଟର କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛନ୍ତି ।

ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ଅପରେଶ କୁମାର ସିଂଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ବେଞ୍ଚ ମହାରାଷ୍ଟ୍ରର *(ପୃଷ୍ଠା ୭ରେ)*

ଏକାଳ ପଖାଳ

କେଡେ ଗୌରବର ବିଷୟ ଆସିଛି
ନାଚ ଢୋଲ ପିଟିପିଟି
ଦେଶରେ ଦ୍ୱିତୀୟ ମହଙ୍ଗା ରାଇଜ
ଆମ ଭାଗ୍ୟ ଗଲା ଫିଟି
ଓଡ଼ିଶା ତାର ନାଟି
କହିବା ଆମର ରେଟ୍ କେତେ
ଫାଟିଯାଉ ପଛେ ତଣ୍ଟି ।

ଯନ୍ତରମନ୍ତରରେ ଆନ୍ଦୋଳନ ବନ୍ଦ, ଲୋୟର ପିଏମଜିରେ କେବେ ?

ଭୁବନେଶ୍ୱର, ୧୩।୧୦
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ଲୋୟରପିଏମଜିରେ ବନ୍ଦ ହେବ କି ଆନ୍ଦୋଳନ ? ଯନ୍ତରମନ୍ତର ଭଳି ଗାନ୍ଧୀମାର୍ଗରୁ ଧାରଣାସ୍ଥଳ ସ୍ଥାନାନ୍ତର କରିବେ କି ରାଜ୍ୟ ସରକାର ? ନୂଆଦିଲ୍ଲୀ ଘଟଣା ପରେ ଏବେ ଚର୍ଚ୍ଚାକୁ ଆସିଛି ଲୋୟର ପିଏମଜି । ରାଜଧାନୀ ଛାତିରେ ରାସ୍ତା ଉପରେ ଚାଲୁଥିବା ପ୍ରୋଟେଷ୍ଟକୁ ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବି ଉଠିଛି । ସେପଟେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ସରକାର ଏହା ଉପରେ ବିଚାର କରିବେ ଏବଂ ମୁଖ୍ୟମନ୍ତ୍ରୀ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ।

ଲୋୟର ପିଏମ୍‌ଜିରେ ବର୍ଷ ବର୍ଷ ଧରି ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଛି । ହଜାର ହଜାର ଆନ୍ଦୋଳକାରୀ ଏକଜୁଟ୍ ହେଉଛନ୍ତି । କେବେ ଦିନରେ ଗର୍ଜୁଛନ୍ତି, କେବେ ରାତିରେ ରାଜରାସ୍ତାରେ ଶୋଉଛନ୍ତି । ପୁଣି ମାସ ମାସ ଧରି ଟେଣ୍ଟ ଟାଣି ଧାରଣା ଦେଉଛନ୍ତି । ମାଇକ୍ ବାଜି ବିକ୍ଷୋଭ ଚାଲୁଛି, ହୋହଲ୍ଲାରେ ଅଞ୍ଚଳ କମ୍ପୁଛି । କେତେବେଳେ ପାଣିମାଡ଼, ଆଉ କେତେବେଳେ ଲାଠି ଚାର୍ଜ । କେଉଁ ଖୋଲା ପଡ଼ିଆ ନୁହେଁ, ଖୋଦ୍ ରାଜଧାନୀର ଛାତି ଉପରେ ଏ ପ୍ରକାର ଦୃଶ୍ୟ ଦେଖିବାକୁ ମିଳୁଛି । ମାଳମାଳ ଦାବି ଧରି ରାଜ୍ୟକୁ ଦୋହଲାଉ ଥିବା *(ପୃଷ

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୧୪ ଅକ୍ଟୋବର ୨୦୨୬ ବୁଧବାର

'ଆଇନା' ସାହିତ୍ୟ ପତ୍ରିକାର ଶାରଦୀୟ ସଂଖ୍ୟା ଉନ୍ମୋଚିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲାରେ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ 'ଆଇନା' ସାହିତ୍ୟ ପତ୍ରିକାର ଶାରଦୀୟ ସଂଖ୍ୟା ଉନ୍ମୋଚନ ସହ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ବୌଦ୍ଧ ସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ଆୟୋଜିତ ଏହି ସମାରୋହରେ ସାହିତ୍ୟିକ, କବି, ଲେଖକ ଓ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ପୌର ପରିଷଦର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବେ ପତ୍ରିକାର ମୁଖ୍ୟ ଉପଦେଷ୍ଟା ବିଭୂତି ଭୂଷଣ ମିଶ୍ର ବିଶିଷ୍ଟ ଏବଂ ବନବିହାରୀ ଦାଶ, ପଦ୍ମାଳୟା ମିଶ୍ର ଓ ସୂର୍ଯ୍ୟପ୍ରିୟା ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ପତ୍ରିକାର ମୁଖ୍ୟ କ୍ଷେତ୍ରକର୍ମୀ ସାହୁ ସ୍ୱାଗତ ଭାଷଣ ଦେବା ସହ ପତ୍ରିକାର ବିଷୟବସ୍ତୁ ଓ ସାହିତ୍ୟିକ ଗୁରୁତ୍ୱ ସମ୍ପର୍କରେ ସମୀକ୍ଷା କରିଥିଲେ । ସେହିପରି ଗୌରାଙ୍ଗ କୁମାର ସାହୁ ପତ୍ରିକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପରେ ମଞ୍ଚାସୀନ ଅତିଥିମାନଙ୍କ କରକମଳରେ 'ଆଇନା' ସାହିତ୍ୟ ପତ୍ରିକାର ଶାରଦୀୟ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ସମାରୋହର ଶେଷ ପର୍ଯ୍ୟାୟରେ ରାଜ୍ୟ ତଥା ଜିଲ୍ଲାର ବିଶିଷ୍ଟ ସାହିତ୍ୟିକ, ଲେଖକ, କବି ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସାହିତ୍ୟ ଓ ସାମାଜିକ ସେବା କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା ସହ ଏହି ସମାରୋହ ସାହିତ୍ୟ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା ।

କୁଲତା ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋନପୁର ସହରର ପଟାଭାଟି ଲୋକନାଥ ମନ୍ଦିର ନିକଟରେ ଜିଲ୍ଲା ସହରାଞ୍ଚଳ କୁଲତା ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଲତା ସମାଜର ସଭାପତି ବନମାଳୀ ପଧାନଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି । ପୂଜକ ତ୍ରିପୁରାରି ପଧାନ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କଲା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ନିର୍ବାହୀ ଯନ୍ତ୍ରୀ ରିଜୁନ ଭୋଇ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଆଇନଜ୍ଞ ବଳଦେବ ପଧାନ ଯୋଗଦେଇ କୁଲତା ସମାଜ ଉପରେ ନାନା ଦିଗ୍‌ଦର୍ଶନ ଦେଇଥିଲେ । ସମ୍ମାନୀତ ଅତିଥି ଜିଲ୍ଲା ସଭାପତି ଡ. ମୁରଲୀ ବିଶ୍ୱାଳ ଜିଲ୍ଲା ସମ୍ପାଦକ ରମେଶ ପଧାନ ଉପଦେଷ୍ଟା କମିଟି ସଦସ୍ୟ ଜଗଦୀଶ ପଧାନ ଯୋଗଦେଇଥିଲେ । ଭାସ୍ୱଦେବ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବନମାଳୀ ପଧାନ ଉଦ୍ଦେଶ୍ୟ ଜ୍ଞାପନ ସହ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ । ବ୍ରତାନନ୍ଦ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଦ୍ରିକା ଓ ଆର୍ଜନ, ଶୁଭଶ୍ରୀ, ମିତାରାଣୀଙ୍କ ଗୀତ ନୃତ୍ୟ ଓ କବିତା ଆସରରେ ଲୋକେ ବହୁତ ଆନନ୍ଦ ଉପଭୋଗ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ତଥା ଉପଦେଷ୍ଟା କମିଟି ସଦସ୍ୟ ସହଦେବ ପଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପୂର୍ବତନ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ଶରତ ଭୋଇ, ହଳଧର ପଧାନ, ସୁରେଶ ପ୍ରଧାନ ବୃନ୍ଦାବନ ପଧାନ, ଗୋକୁଳାନନ୍ଦ ପ୍ରଧାନ, ଉଦୟ କୁମାର ନାଏକ, ଯୁଧିଷ୍ଠିର ନାଏକ, ମନୋରଞ୍ଜନ ଦେହୁରୀ, ଲିଙ୍ଗରାଜ ପଧାନ, ସୁଦାମ ଚରଣ ସାହୁ, ଅଶୋକ କୁମାର ଗଡତିଆ ଡ. ଅକ୍ଷୟ କୁମାର ସାହୁ, ପଦ୍ମଲୋଚନ ଭୋଇ, ଭାସ୍କର ବେହେରା, ଆଲୋକ ଦେହୁରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଚିହିଲି ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ବରକେଲ ପଞ୍ଚାୟତର ଫଟାମୁଣ୍ଡା ଗାଁରେ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ୧୪ତମ ଚିହିଲି ଉତ୍ସବ–୨୦୨୬ ଉପଲକ୍ଷେ ମହିଳା ଓ ଯୁବକମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଦୀର୍ଘ ୧୩ ବର୍ଷ ଧରି ଗାଁରେ ଚିହିଲି ଉତ୍ସବ ପାଳିତ ହୋଇଆସୁଥିବା ବେଳେ ପ୍ରତିବର୍ଷ ଉତ୍ସବ ପୂର୍ବରୁ ଏଭଳି ପ୍ରତିଯୋଗିତା ଆୟୋଜନ କରାଯାଉଛି । ଚଳିତ ବର୍ଷ ମହିଳାମାନଙ୍କୁ ନେଇ ମଣ୍ଡା ପିଠା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଫଟାମୁଣ୍ଡା ଗାଁର ଜୟ ମା' ଲକ୍ଷ୍ମୀ, ମା'

ଗଣାଘାଟେନ, ମା' ଝାସୀରାଣୀ, ମାତା ସାବିତ୍ରୀବାଇ ଫୁଲେ, ମା' ସମଲେଶ୍ୱରୀ, ଶ୍ରୀଜଗନ୍ନାଥ, ତାରାତାରିଣୀ ଓ ବଜରଙ୍ଗବଳି ନାମରେ ଥିବା ୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ । ନୃତ୍ୟଗୁରୁ ଅଞ୍ଜଳି ପରିଡ଼ା ମଣ୍ଡା ପିଠା ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ । ପ୍ରତିଯୋଗିତାରେ ଭିତ୍ତିଭୂମି ସେବା ସଂଗଠନ ପକ୍ଷରୁ ସୁଦେଷ୍ଣା ସ୍ୱାଇଁ ସାହୁ, ଶୁକଦେବ ସ୍ୱାଇଁ ଓ ଦାଶରଥୀ ବିଚାରକ ଭାବେ ଯୋଗଦେଇଥିଲେ । ଏହାପରେ ମହିଳା ଓ ଗାଁର ଯୁବକମାନଙ୍କୁ ନେଇ ସୁଜି ସୁତା ରେସ, ଚାମଚ ବାଟି ରେସ, ମାଟିଆ ଫଟା, ମ୍ୟୁଜିକ୍ ଚେୟାର, ଗୀତ, ହୁଳହୁଳି, ରଙ୍ଗୋଲି ଓ ଝୋଟି ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଏଥିସହ ଯୁବକମାନଙ୍କୁ ନେଇ ଜୁନିୟର ଓ ସିନିୟର ବିଭାଗରେ ମାରାଥନ ଦୌଡ଼ ମଧ୍ୟ ଆୟୋଜିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ରମେଶ ଗୁର୍ଲା, ଆଶିଷ ବୈକାର, ସୋନାଲିକା ଶବର, ମିନାକ୍ଷୀ ଭୋଇ ଓ ବିକ୍ରମ ପ୍ରଧାନ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । ପ୍ରତିଯୋଗିତାରେ ବିଜେତାମାନଙ୍କୁ ଆସନ୍ତା ୨୫ ଅକ୍ଟୋବର ୨୦୨୬ରେ ଅନୁଷ୍ଠିତ ହେବାକୁଥିବା ଚିହିଲି ଉତ୍ସବ ଅବସରରେ ପୁରସ୍କୃତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ଘୋଷଣା କରାଯାଇଛି । କ୍ଲବ ସଭାପତି ଗୋପବନ୍ଧୁ ଶିକାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ସମ୍ପାଦକ ରାଜିନୀକାନ୍ତ ସୁନା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରଙ୍ଗାଧର ସୁନା, ରାଜେଶ ମହାନନ୍ଦ, ତ୍ରିଲୋଚନ ସୁନା, ଶଶୀ, ରଞ୍ଜନ, ଦୁଃଶାସନ, ରାଜୁ, ରମେଶ, ସନ୍ତୋଷ, ବେଣୁ, ଭକ୍ତ, ହିମାଞ୍ଚଳଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ ।

ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଯୋଡ଼ିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ଅଭିଯାନ

କେନ୍ଦୁଝର, ନ୍ୟୁଜ୍

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ, ଜାରି ରହିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ତାହା ସୁନିଶ୍ଚିତ କରିବା ପାଇଁ କେନ୍ଦୁଝର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏକ ସକ୍ରିୟ ଅଭିଯାନ ଆରମ୍ଭ କରାଯାଇଛି । ଏହି ପଦକ୍ଷେପର ଅଂଶସ୍ୱରୂପ, ଭୋଟର ସତ୍ୟାପନ, ଅଭିଯୋଗର ସମାଧାନ ଏବଂ ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦୁଝର ଜିଲ୍ଲାର ସମସ୍ତ ୧,୯୧୫ଟି ପୋଲିଂ ବୁଥ୍‌ରେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରାଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ୧,୯୧୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ, ୨୮ ଜଣ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଏବଂ ୬ ଜଣ ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କ ମାଧ୍ୟମରେ ଏକ ସମର୍ପିତ ଅଭିଯୋଗ ନିବାରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଭୋଟର ତାଲିକାରେ ନିଜ ନାମକୁ ନେଇ କୌଣସି ଅଭିଯୋଗ, ତ୍ରୁଟି କିମ୍ବା ଆଶଙ୍କା ଥିଲେ ନାଗରିକମାନେ ଆବଶ୍ୟକ ସହାୟତା ପାଇଁ ନିର୍ଦ୍ଦିଷ୍ଟ ନିର୍ବାଚନ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ । ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତାଧିକାରକୁ ସୁରକ୍ଷିତ ରଖିବା ଏବଂ କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବଞ୍ଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ନିଜର ପ୍ରତିବଦ୍ଧତା ଦୋହରାଇଛି । ନାଗରିକମାନଙ୍କୁ ଏହି ସତ୍ୟାପନ ପ୍ରକ୍ରିୟାରେ ଭାଗ ନେବାକୁ ଏବଂ କୌଣସି ତ୍ରୁଟି ଥିଲେ ତୁରନ୍ତ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି । ଏହି ପଦକ୍ଷେପ ଭାରତ ନିର୍ବାଚନ ଆୟୋଗଙ୍କ ଦିଶାନିର୍ଦ୍ଦେଶ ଅନୁଯାୟୀ ଏକ ନିର୍ଭୁଲ, ସମସ୍ତଙ୍କୁ ସାମିଲ୍ କରୁଥିବା ଏବଂ ବିଶ୍ୱସନୀୟ ଭୋଟର ତାଲିକା ବଜାୟ ରଖିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ନିଷ୍ଠାକୁ ଦର୍ଶାଉଥିବାର ଜଣାପଡିଛି ।

ଗୋଁଡ ସାଂସ୍କୃତିକ ସମାଜର ନୂଆଁଖାଇ ଭେଟ୍‌ଘାଟ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନସର ଗ୍ରାମ ସ୍ଥିତ ପଞ୍ଚାୟତ ହାଇସ୍କୁଲ ଖେଳପଡିଆ ନିକଟରେ ଗୋଁଡ ସାଂସ୍କୃତିକ ସମାଜ ପକ୍ଷରୁ ନୂଆଖାଇ ଭେଟ୍ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୁଗେଶ୍ୱର ମାଝୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ହେମନ୍ତ ଦଳପତି ଯୋଗଦେଇଥିଲେ । ଶିକ୍ଷା କ୍ଷେତ୍ରରେ ଉନ୍ନତି ପ୍ରତି ଧ୍ୟାନ ଦେବା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ କମିଟୀ ସଭ୍ୟ ପୁରୁଷୋତ୍ତମ ଧରୁଆ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଯୁବରାଜ ଧରୁଆ, ଜିଲ୍ଲା ଉପସଭାପତି ବିପ୍ର ବିଶି, ଅଞ୍ଚଳ ସମ୍ପାଦକ ଗୋକୁଳ ଧରୁଆ, ଜିଲ୍ଲା କମିଟୀ ସଭ୍ୟା ଅହଲ୍ୟା ଧରୁଆ, ଜିଲ୍ଲା କମିଟୀ ସଭ୍ୟ କ୍ଷୀରୋଧର ମାଝୀ, ବ୍ଲକ ସମ୍ପାଦକ ଅଷ୍ଟମ ମାଝୀ, ଗୋଁଡ଼ିଘ୍ନା ବ୍ଲକ ସମ୍ପାଦକ ଟିକେଶ୍ୱର ଧରୁଆ, ବେଲପଡା ବ୍ଲକ ସମାଜସେବୀ କେତନ ମାଝୀ, ଜିଏସ୍‌ଇଉ ସଭାପତି ତନ୍ତ ଧରୁଆ, ନାରୀନେତ୍ରୀ ନିରୁପମା ମାଝୀ (କଣ୍ଢାବାଞ୍ଜି), ତୁରେକେଲା ବ୍ଲକ ଥବିର ଧରୁଆ, ହରିଶଙ୍କର ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର ପ୍ରମୁଖ ମଞ୍ଚାସୀନ ଥିଲେ । ନୂଆଁଖାଇ ଭେଟ୍‌ର ମୁଖ୍ୟ ଆୟୋଜକ ସଭ୍ୟସଭ୍ୟା ବୃନ୍ଦ ଯଥା ଦୟା ମାଝୀ, ହିରଣ୍ୟ ମାଝୀ, ଖଗେଶ୍ୱର ମାଝୀ, ପବିତ୍ର ମାଝୀ, ପୂର୍ଣ୍ଣ ମାଝୀ, ଋଷି ମାଝୀ, ପାଲେଶ୍ୱର ମାଝୀ, ଅମିଲ ମାଝୀ, ରୁକ୍ମିଣୀ ମାଝୀ, ଟିକ ମାଝୀ, ଛାୟାବତି ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଚଳିତବର୍ଷ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଘୁନସର ଗ୍ରାମର ମଧୁସ୍ମିତା ମାଝୀଙ୍କୁ ଗୋଁଡ ସାଂସ୍କୃତିକ ସମାଜ ତରଫରୁ ଉତ୍ତରିୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଗ୍ରାମର ମହିଳା ଓ ପୁରୁଷଙ୍କ ସମେତ ସମାଜର ହଜାର ହଜାର ଜନସାଧାରଣ ନୂଆଁଖାଇ ଜୁହାର ଭେଟ ହୋଇଥିଲେ ।

ଏମ୍‌କେସିଜିରେ ରୋଗୀ ସେବା ବିପର୍ଯ୍ୟସ୍ତ

ଛୁଟି ଦିନରେ ଯକ୍ଷ୍ମା, ଫିଜିଓଥେରାପି ସହ ବିଭିନ୍ନ ଜରୁରୀ ବିଭାଗ ବନ୍ଦ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସରକାରୀ ଛୁଟି ଓ ରବିବାର ଦିନ ଏମ୍‌କେସିଜି ମେଡ଼ିକାଲ୍ କଲେଜ ହସ୍‌ପିଟାଲ୍‌ରେ ରୋଗୀ ସେବାକୁ ନେଇ ଗୁରୁତର ସମସ୍ୟା ଦେଖାଦେଉଥିବା ମାନବ ଅଧିକାର ସୁରକ୍ଷା ମଞ୍ଚର ଅନୁଧ୍ୟାନରୁ ଜଣାପଡ଼ିଛି । ପୂର୍ବାହ୍ନରେ ମଞ୍ଚ ପକ୍ଷରୁ ହସ୍‌ପିଟାଲ୍ ପରିଦର୍ଶନ ସମୟରେ ଡାକ୍ତରଙ୍କ ଉପଲବ୍ଧତା ଓ ଜରୁରୀ ପରୀକ୍ଷାକୁ ନେଇ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ମିଳିଥିଲା । ଯକ୍ଷ୍ମା ଓ ଛାତି ବିଭାଗ, ଫିଜିଓଥେରାପି ଭଳି ଦୈନନ୍ଦିନ ସେବା ଆବଶ୍ୟକ ବିଭାଗରେ ତାଲା ଝୁଲୁଥିବାରୁ ଦୂରଦୂରାନ୍ତରୁ ଆସିଥିବା ଗରିବ ଅସହାୟ ରୋଗୀମାନେ ଅଧିକ ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳିଛି । ଏତଦ୍ ବ୍ୟତୀତ ବହିଃ ବିଭାଗରେ ଡାକ୍ତରଙ୍କ ଡ୍ୟୁଟି ଚାର୍ଟ ସୂଚନା ପ୍ରଦାନ ପାଇଁ ନିୟମ ରହିଥିଲେ ସୁଦ୍ଧା ସମସ୍ତ ବିଭାଗରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ଦୃଷ୍ଟି ଗୋଚର ହୋଇଥିଲା । ସକାଳ ୮ଟା ଠାରୁ ରୋଗୀ ଦେଖା ଆରମ୍ଭ ନିୟମ ରହିଥିବା ବେଳେ ଅଧିକାଂଶ ଡାକ୍ତର ପୂର୍ବାହ୍ନ ୧୦ଟା ପରେ

ହିଁ ବହିଃ ବିଭାଗକୁ ଆସୁଥିବା ଜଣାପଡ଼ିଛି । ଏତଦ୍‌ବ୍ୟତୀତ ଅଧିକାଂଶ ସୁପର ସ୍ପେଶିଆଲିଷ୍ଟ୍ ବିଭାଗ ବନ୍ଦ ଥିବା ଜଣାପଡ଼ିଥିଲା । ସରକାରୀ ହସ୍‌ପିଟାଲ୍‌ରେ ରୋଗୀ ସେବା ନୀରବଚ୍ଛିନ୍ନ ରହିବା ଆବଶ୍ୟକ । ସରକାରୀ ଛୁଟି ଦିବସ ଓ ରବିବାର ଆଦି ଦିନରେ କିଛି ବିଭାଗ ଗୁଡ଼ିକ ବନ୍ଦ ରହିବାରୁ ବହୁ ରୋଗୀ ହତାଶ ହୋଇ ବିଭିନ୍ନ ଘରୋଇ ହସ୍‌ପିଟାଲ୍‌କୁ ଯାଉଥିବା ଜଣାପଡ଼ିଥିଲା । ତେବେ ଜାଣିଶୁଣି ସରକାରୀ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥାକୁ ଅବହେଳା କରାଯାଉଛି ବୋଲି ମଞ୍ଚ ଅଭିଯୋଗ କରିଛି । ମଞ୍ଚ ପକ୍ଷରୁ ଛୁଟି ଦିନରେ ସ୍ୱତନ୍ତ୍ର ଡ୍ୟୁଟି ରୋଷ୍ଟର ଅନୁଯାୟୀ ଡାକ୍ତର ଜରୁରୀ ସେବା ଯୋଗାଇବା ପାଇଁ ଦାବି କରାଯାଇଛି । ଏହି ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ମେଡ଼ିକାଲ୍ ଅଧୀକ୍ଷକ, ଜିଲ୍ଲାପାଳ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରୁ ମଞ୍ଚ ପକ୍ଷରୁ ଦାବି କରାଯିବ ବୋଲି ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟା ପ୍ରକାଶ କରିଛନ୍ତି । ଅନୁଧ୍ୟାନ ବେଳେ ମଞ୍ଚ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା, ସମ୍ପାଦକ ଗୁଣନିଧି ବେହେରା, ଯୁବ ନେତା ମନୋଜ କୁମାର ତରାଇ, ହୃଷିକେଶ ପାତ୍ର, ପ୍ରଶାନ୍ତ କୁମାର ପଣ୍ଡା ଓ ଆପ୍‌ର ଆଦିତ୍ୟ ନାରାୟଣ ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ରୋଗୀଙ୍କ ଅଧିକାର ସୁରକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ ଦାବି କରିଛନ୍ତି ।

ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଓ ଦଣ୍ଡନୀୟ ଅପରାଧ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଅନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ଅବସରରେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ଜୁଭେଣ୍ଟିକା ଆଉଟରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହିଳା ଓ ଶିଶୁ ବିରୁଦ୍ଧ ଅପରାଧ ଶାଖା ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ 'End Child Marriage and Invest in Girls' Rights' ଥିମ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ପୋଲିସ ମୁଖ୍ୟାଳୟ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଦେବାଶିଷ ସିଂହ ସମ୍ମାନୀତ ଅତିଥି ଭାବରେ ଏସ୍‌ପି ନାରାୟଣ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଏବଂ ୟୁନିସେଫ ପରାମର୍ଶଦାତା ଘାସିରାମ ପଣ୍ଡା ମଞ୍ଚରେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ତଥା ବକ୍ତାମାନେ ନିଜ ଅଭିଭାଷଣରେ ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି ଓ ଦଣ୍ଡନୀୟ ଅପରାଧ ବୋଲି କହିଥିଲେ । ନିଜେ ସଚେତନ ହେବା ସହ ନିଜ ସାଙ୍ଗମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଅତିଥିମାନେ ଏହି ଅବସରରେ ମତ ପ୍ରକାଶ କରିଥିଲେ । ଝିଅମାନଙ୍କୁ ପାଠ ପଢାଇ ସ୍ୱାବଲମ୍ବୀ କରିବା ହିଁ ସମାଜର ପ୍ରକୃତ ବିକାଶ ବୋଲି ସେମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ସମସ୍ତ ଅତିଥି ତଥା ଡିଏସ୍‌ପି ରେଣୁକା ସୁନା ଶପଥ ପାଠ କରାଇଥିଲେ । ବାଲ୍ୟ ବିବାହ ରୋକିବା ଓ ଝିଅମାନଙ୍କ ଅଧିକାର ସୁରକ୍ଷା ପାଇଁ ଏକ ସଚେତନତା ରାଲି ସହରର ନଳିନୀ ଛକ ଠାରୁ ବାହାରି ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ଏହି ରାଲିରେ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ, ସୋନପୁର କଲେଜର ଏନ୍‌ସିସି ଛାତ୍ରମାନେ ସାମିଲ ହୋଇ ବାଲ୍ୟ ବିବାହ ବନ୍ଦ କର କନ୍ୟା ସନ୍ତାନକୁ ସୁରକ୍ଷା ଦେବା ଦେଶର ସମ୍ମାନ ରକ

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୧୪ ଅକ୍ଟୋବର, ୨୦୨୬ ବୁଧବାର

କେଡ଼ିଏ ପାଇଁ ଆର୍ଥିକ ବୋଝ ପାଲଟିଲା ନେତାଜୀ ବସ୍ ଟର୍ମିନାଲ୍:ଆୟ ଅପେକ୍ଷା ଖର୍ଚ୍ଚ ଦୁଇଗୁଣ

କଟକ, ନ୍ୟୁଜ୍ ବ୍ୟୁରୋ

ଆଧୁନିକ ସୁବିଧା ଓ ଆକର୍ଷଣୀୟ ରୂପ ପାଇଁ ଚର୍ଚ୍ଚାରେ ଥିବା କଟକର ନେତାଜୀ ବସ୍ ଟର୍ମିନାଲ୍ (ସିଏନ୍‌ବିଟି) ଏବେ କଟକ ଉନ୍ନୟନ କର୍ତ୍ତୃପକ୍ଷ (କେଡିଏ) ପାଇଁ ଏକ ବଡ଼ ଆର୍ଥିକ ଚ୍ୟାଲେଞ୍ଜ ପାଲଟିଛି। ଟର୍ମିନାଲ୍‌ରୁ ହେଉଥିବା ଆୟ ତୁଳନାରେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣରେ ଦୁଇଗୁଣରୁ ଅଧିକ ଅର୍ଥ ଖର୍ଚ୍ଚ ହେଉଛି। ଫଳରେ ଅଢ଼େଇ ବର୍ଷରୁ ଅଧିକ ସମୟ ମଧ୍ୟରେ ଏଥିପାଇଁ କେଡିଏକୁ ୮ କୋଟିରୁ ଅଧିକ ଟଙ୍କା ବ୍ୟୟ କରିବାକୁ ପଡ଼ିଛି। ଏହି ଅତିରିକ୍ତ ଆର୍ଥିକ ବୋଝ ଯୋଗୁ କର୍ତ୍ତୃପକ୍ଷଙ୍କ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ଉପରେ ମଧ୍ୟ ଚାପ ସୃଷ୍ଟି ହେଉଛି। ୨୦୨୩ ସେପ୍ଟେମ୍ବରରେ ଉଦ୍‌ଘାଟିତ ହୋଇଥିବା ଏହି ଟର୍ମିନାଲର ରକ୍ଷଣାବେକ୍ଷଣ ଦାୟିତ୍ୱ ଆରମ୍ଭରୁ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ସଫେଇ, ସୁରକ୍ଷା ଓ ଅନ୍ୟାନ୍ୟ ପରିଚାଳନା କାର୍ଯ୍ୟ ପାଇଁ କେଡିଏ ଉକ୍ତ ସଂସ୍ଥାକୁ ମାସିକ ପ୍ରାୟ ୫୦ରୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରୁଛି। ପ୍ରାରମ୍ଭିକ ଅବସ୍ଥାରେ ଏହି ଖର୍ଚ୍ଚର କିଛି ଅଂଶ ରାଜ୍ୟ ସରକାର ବହନ କରୁଥିବା ବେଳେ ବାକି ଅର୍ଥ କେଡିଏ ଦେଉଥିଲା। କିନ୍ତୁ ୨୦୨୪ ପରଠାରୁ ରାଜ୍ୟ ସରକାର ଆଉ ପରିଚାଳନା ଖର୍ଚ୍ଚ ବହନ କରୁନଥିବାରୁ ସମସ୍ତ ଆର୍ଥିକ ଦାୟିତ୍ୱ କେଡିଏ ଉପରେ ପଡ଼ିଛି। ଅନ୍ୟପଟେ, ଟର୍ମିନାଲ୍‌ରୁ ହେଉଥିବା ଆୟ ଏହି ଖର୍ଚ୍ଚର ମୁକାବିଲା କରିବାକୁ ଯଥେଷ୍ଟ ନୁହେଁ। ଏଠାରେ ଥିବା ୨୫ଟି ଦୋକାନ, ହୋଟେଲ, ଲଜ୍ ଓ ଅନ୍ୟାନ୍ୟ ବାଣିଜ୍ୟିକ ସୁବିଧାରୁ କେଡିଏ ରାଜସ୍ୱ ପାଉଛି। ଦୋକାନଗୁଡ଼ିକ ପାଇଁ ପାଞ୍ଚବର୍ଷିଆ ଚୁକ୍ତି ଅନୁଯାୟୀ ବର୍ଷକୁ ଏକ ଲକ୍ଷ ଟଙ୍କା ହିସାବରେ ପ୍ରତ୍ୟେକ ଦୋକାନରୁ ପାଞ୍ଚ ବର୍ଷ ପାଇଁ ମୋଟ୍ ପାଞ୍ଚ ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଅନ୍ୟାନ୍ୟ

ବାଣିଜ୍ୟିକ ସୁବିଧାରୁ ମିଳୁଥିବା ରାଜସ୍ୱକୁ ମିଶାଇ କେଡିଏର ମାସିକ ଆୟ ପ୍ରାୟ ୨୦ ଲକ୍ଷ ଟଙ୍କା ବୋଲି ସୂଚନା ମିଳିଛି। ଏହି ହିସାବରେ ମାସକୁ ପ୍ରାୟ ୨୦ରୁ ୨୫ ଲକ୍ଷ ଟଙ୍କା କେଡିଏକୁ ନିଜ ପାଣ୍ଠିରୁ ଭରଣା କରିବାକୁ ପଡୁଛି। ଏହାର ବାର୍ଷିକ ଆର୍ଥିକ ପ୍ରଭାବ ପ୍ରାୟ ତିନି କୋଟି ଟଙ୍କା ହେଉଛି। ଦୀର୍ଘ ସମୟ ଧରି ଏହି ବ୍ୟବଧାନ ଜାରି ରହିବାରୁ ଟର୍ମିନାଲ୍‌ର ପରିଚାଳନା ଖର୍ଚ୍ଚ କେଡିଏର ଆର୍ଥିକ ସ୍ଥିତି ଉପରେ ଚାପ ବଢ଼ାଇଛି। କେଡିଏ ସାଧାରଣତଃ ସହରର ବିଭିନ୍ନ ମାର୍କେଟ୍ ବିଲ୍ଡିଂରୁ ମିଳୁଥିବା ରାଜସ୍ୱ ଏବଂ ଜମି ପ୍ଲଟ୍ ବିକ୍ରିରୁ ହେଉଥିବା ଆୟ ମାଧ୍ୟମରେ କର୍ମଚାରୀଙ୍କ ଦରମା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଖର୍ଚ୍ଚ ତୁଲାଇଥାଏ। ଏଭଳି ସ୍ଥିତିରେ ସିଏନ୍‌ବିଟି ପରିଚାଳନା ପାଇଁ ନିୟମିତ ଭାବେ ବିପୁଳ ଅର୍ଥ ଖର୍ଚ୍ଚ ହେବା କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇଛି। ଏହା ସହିତ ଘରୋଇ ସଂସ୍ଥାର ପରିଚାଳନା କାର୍ଯ୍ୟକୁ ନେଇ ମଧ୍ୟ ବିଭିନ୍ନ ସମୟରେ ଅସନ୍ତୋଷ ଓ ଅଭିଯୋଗ ଉଠୁଥିବାରୁ ଖର୍ଚ୍ଚ ଅନୁଯାୟୀ ସେବା ମିଳୁଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ କେଡିଏ ସଚିବ ଜନକ ନାୟକ କହିଛନ୍ତି ଯେ, ସିଏନ୍‌ବିଟିର ପରିଚାଳନା ଖର୍ଚ୍ଚ ବହନ କରିବାକୁ ରାଜ୍ୟ ସରକାରଙ୍କୁ କର୍ତ୍ତୃପକ୍ଷ ଚିଠି ଲେଖିଥିଲେ। ତେବେ ସରକାର ଏହି ପ୍ରସ୍ତାବକୁ ଗ୍ରହଣ କରିନଥିବା ସହ ଟର୍ମିନାଲ୍‌ର ନିଜସ୍ୱ ଆୟରୁ ପରିଚାଳନା ଖର୍ଚ୍ଚ ଭରଣା କରିବାକୁ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଟର୍ମିନାଲ୍‌ର ପରିଚାଳନା ଦାୟିତ୍ୱ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)କୁ ହସ୍ତାନ୍ତର କରିବା ନେଇ ରାଜ୍ୟ ସରକାରଙ୍କ ସହ ପୁନର୍ବାର ଆଲୋଚନା କରାଯାଇ ପ୍ରସ୍ତାବ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ଜୁଆ ଆଡ୍ଡାରେ ଚଢ଼ଉ | ୧୪ ଗିରଫ:୯୮ ହଜାର ଟଙ୍କା ଜବତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସହର ଓ ଉପକଣ୍ଠରେ ବେଆଇନ୍ ଜୁଆ ଖେଳ ବିରୋଧରେ ପୋଲିସର ଧରପଗଡ଼ ଜୋରଦାର୍ ହୋଇଛି। ନିମଖଣ୍ଡି ଓ ବଡ଼ ବଜାର ଥାନା ଅଞ୍ଚଳରେ ପୃଥକ୍ ପୃଥକ୍ ଚଢ଼ଉ କରି ପୋଲିସ ମୋଟ୍ ୧୪ ଜଣ ଜୁଆଡ଼ିଙ୍କୁ କାବୁ କରିଛି। ଉଭୟ ସ୍ଥାନରୁ ମୋଟ୍ ୯୮ ହଜାର ଟଙ୍କା, ୧୦ଟି ମୋବାଇଲ୍ ଫୋନ୍, ତାସ୍ ପ୍ୟାକେଟ୍ ଓ ଜୁଆ ଖେଳରେ ବ୍ୟବହୃତ କରି ଜବତ କରାଯାଇଛି। ସୂଚନା ଅନୁସାରେ ନିମଖଣ୍ଡି ଥାନା ଅଧୀନ ଲୋଚାପଡ଼ା ଗୋବିନ୍ଦ ବିହାର ଅଞ୍ଚଳରେ ବଡ଼ ଧରଣର ଜୁଆ ଖେଳ ଚାଲିଥିବା ନେଇ ପୋଲିସ ଖବର ପାଇଥିଲା। ଏହାପରେ ନିମଖଣ୍ଡି ଥାନା ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ସେଠାରେ ଟଙ୍କା ବାଜି ଲଗାଇ ତାସ୍ ଖେଳୁଥିବା ୮ ଜଣଙ୍କୁ ପୋଲିସ କାବୁ କରିଥିଲା। ଘଟଣାସ୍ଥଳରୁ ନଗଦ ୮୪ ହଜାର ୯୦୦ ଟଙ୍କା, ୭ଟି ମୋବାଇଲ୍ ଫୋନ୍, ତାସ୍ ପ୍ୟାକେଟ୍ ଓ ଗୋଟିଏ ଦରି ଜବତ କରାଯାଇଥିଲା। ଏକାକାଳୀନ ଏତେ ପରିମାଣର ଟଙ୍କା ଜବତ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ବଡ଼ ବଜାର ଥାନା ଅନ୍ତର୍ଗତ ପ୍ରେମନଗର କେନାଲ୍ ସାହି ରାସ୍ତାରେ ଚାଲିଥିବା ଜୁଆ ଆଡ୍ଡା ଉପରେ ମଧ୍ୟ ପୋଲିସ ଚଢ଼ଉ କରି ୬ ଜଣଙ୍କୁ କାବୁ କରିଛି। ଗତ ୭ ତାରିଖ ଅପରାହ୍ନ ପ୍ରାୟ ୧ଟା ସମୟରେ ବଡ଼ ବଜାର ଥାନାର ଉପନିରୀକ୍ଷକ ରୁବିତା ନାୟକ ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପ୍ରେମ୍‌ନଗର କେନାଲ୍ ସାହି ରାସ୍ତାରେ କିଛି ବ୍ୟକ୍ତି ଟଙ୍କା ବାଜି ଲଗାଇ ଜୁଆ ଖେଳୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା। ପୋଲିସକୁ ଦେଖି ଜୁଆଡ଼ିମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ୬ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଧରାପଡ଼ିଥିବା ବ୍ୟକ୍ତିମାନେ ହେଲେ ନୀଳକଣ୍ଠ ନଗରର ପିଣ୍ଟୁ ବେହେରା (୩୮), ପ୍ରହଲ୍ଲାଦ ନଗରର ରାମ ଜେନା (୨୬), ଧର୍ମାନଗରର ଜିସୁ ଦେବାଶିଷ ମହାନ୍ତି (୩୦), ପ୍ରହଲ୍ଲାଦ ନଗରର କେ. ଚରଣ କୁମାର (୪୨), ଶାନ୍ତି ନଗରର ଏମ୍.ଭି. ପ୍ରବୀଣ କୁମାର (୨୬) ଓ ଗଣେଶ ନଗରର ମନୋଜ ସାହୁ (୩୨)। ସେମାନଙ୍କ ନିକଟରୁ ନଗଦ ୧୩ ହଜାର ୧୦୦ ଟଙ୍କା, ଦୁଇଟି ଭିଭୋ ମୋବାଇଲ୍, ଗୋଟିଏ ରିଅଲ୍‌ମି ମୋବାଇଲ୍ ଓ ତାସ୍ ପ୍ୟାକେଟ୍ ଜବତ କରାଯାଇଛି। ଏନେଇ ବଡ଼ ବଜାର ଥାନାରେ ଓଡ଼ିଶା ଜୁଆ ନିରୋଧ ଆଇନ୍ ଅନୁଯାୟୀ ମାମଲା ରୁଜୁ କରି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୁଇଟି ପୃଥକ୍ ଚଢ଼ଉରେ ମୋଟ୍ ୧୪ ଜଣ ଜୁଆଡ଼ି ପୋଲିସ ହାତରେ ଧରାପଡ଼ିଥିବା ବେଳେ ୯୮ ହଜାର ଟଙ୍କା ଜବତ ହୋଇଛି। ସହର ଓ ଉପକଣ୍ଠରେ ବେଆଇନ୍ ଜୁଆ ଖେଳ ବିରୋଧରେ ପୋଲିସର ଏହି ଧରପଗଡ଼ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ମୈତ୍ରେୟୀ ଲେଖିକା ସଂଗଠନର ସାମ୍ପ୍ରତିକ ସମୟର କ୍ଷୁଦ୍ରଗଳ୍ପ ଉପରେ ଆଲୋଚନା

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସୋମବାର ଦିନ ସନ୍ଧ୍ୟାରେ ସାମ୍ପ୍ରତିକ ସମୟରେ ଲେଖାଯାଉଥିବା କ୍ଷୁଦ୍ରଗଳ୍ପକୁ ନେଇ ମୈତ୍ରେୟୀ ଲେଖିକା ସଂଗଠନ ତରଫରୁ ଏକ ସରଗରମ ଆଲୋଚନା ହୋଇଯାଇଛି। ଅତିଥିମାନେ ପୂର୍ବରୁ କ୍ଷୁଦ୍ରଗଳ୍ପ କେମିତି ଲେଖାଯାଉଥିଲା ଓ ବର୍ତ୍ତମାନ କିପରି ଲେଖାଯାଉଛି ତାହା ଉପରେ ଏକ ବିଶଦ ଆଲୋଚନା କରିଥିଲେ। ସୁଲେଖିକା ତଥା ମୈତ୍ରେୟୀର ସଭାପତି ସଭାପତିତ୍ୱ କରିଥିବାବେଳେ ସମ୍ମାନନୀୟ ଅତିଥି ହିସାବରେ ବିଶିଷ୍ଟ ଲେଖିକା ଶ୍ରଦ୍ଧାଞ୍ଜଳି କାନୁନଗୋ, ଚିରଶ୍ରୀ ଇନ୍ଦ୍ରସିଂ ଏବଂ ଗାଳ୍ପିକ ତଥା ସାମ୍ବାଦିକ ଅମରେଶ ବିଶ୍ୱାଳ ଏହି ଗଳ୍ପ ଆଲୋଚନାକୁ ଅତି ଗଭୀର ଏବଂ ଗମ୍ଭୀର ଭାବେ ଟିକିନିଖି ତର୍ଜମା କରିଥିଲେ। ଶ୍ରଦ୍ଧାଞ୍ଜଳି କାନୁନଗୋ ପ୍ରଶ୍ନ ଉଠାଇଥିଲେ ଯେ ଆଗରୁ ଆମେ ଗଳ୍ପ ପଢିଲାବେଳେ ସେହି ଗଳ୍ପରେ ନାଁ ନଥିଲେ ମଧ୍ୟ ଜାଣିପାରୁଥିଲେ କିଏ ଲେଖିଛି ବୋଲି କାରଣ ସବୁ ଲେଖକଙ୍କର ଏକ ସ୍ୱତନ୍ତ୍ର ଶୈଳି ଥିଲା। ବର୍ତ୍ତମାନ ସେମିତି କିଛି ଘଟୁନାହିଁ ବରଂ ସବୁ ଗପ ଏକା ଲାଗୁଛି। ଏପରି କାହିଁକି ହେଉଛି ? ସେହି ପ୍ରଶ୍ନର ଉତ୍ତର ମୈତ୍ରେୟୀର ସଂପାଦିକା ଲକ୍ଷ୍ମୀ



ଚାନ୍ଦ ଏବଂ ଅମରେଶ ବିଶ୍ୱାଳ ଦେଇଥିଲେ। ବିଶିଷ୍ଟ ଲେଖିକା ଚିରଶ୍ରୀ ଇନ୍ଦ୍ରସିଂ ଆଲୋଚନା କରି କହିଥିଲେ ଯେ ଲେଖକଟିଏ ଚାହିଁଲେ ଯେକୌଣସି ସମୟରେ ଏବଂ ଯେ କୌଣସି ବିଷୟକୁ ନେଇ ଲେଖିପାରିବ ଏବଂ ଲେଖିବା ଉଚିତ ମଧ୍ୟ ତଥା ସେସବୁ ସଂପାଦନା ହେବା ଉଚିତ। ସୁଲେଖକ ତଥା ସାମ୍ବାଦିକ ଅମରେଶ ବିଶ୍ୱାଳ କହିଲେ ଗଳ୍ପ ଲେଖିଲାବେଳେ ଲେଖକ ଘଟଣା ଘଟିଥିବା ମଧ୍ୟବର୍ତ୍ତୀ ଜାଗାସବୁ ଲିଙ୍କ ରଖି ଲେଖିଲେ ତାହା ଅଧିକ ସୁଖପାଠ୍ୟ ହୋଇଥାଏ। ଏହି ସବୁ ଆଲୋଚନା ସମାପ୍ତି ପରେ ମୈତ୍ରେୟୀ ଶ୍ୱେତପଦ୍ମା ପାଢୀ ତ୍ରିପାଠୀ, ମୌସୁମୀ ଦାସ, ସୁମିତା ବେହେରା ଏବଂ ତପସ୍ୱିନୀ ଦାଶ ଷଡଙ୍ଗୀ କିଛି ପ୍ରଶ୍ନ ପଚାରିଥିଲେ ଯାହାର ଉତ୍ତର ଅତିଥିମାନେ ଖୁବ୍ ଯୁକ୍ତିଯୁକ୍ତଭାବେ ଦେଇଥିଲେ। ଆସର ଆରମ୍ଭରେ ମୌସୁମୀ ଦାସ ଦେବୀ ମନ୍ତ୍ରପାଠ କରିଥିଲେ। ସୁଦୂର ବାଙ୍ଗାଲୋରରୁ ମୈତ୍ରେୟୀ ଲୋପାମୁଦ୍ରା ପରିଡା ବାରମ୍ବାର ନୋଟିସ ଦେଇ ସମସ୍ତଙ୍କୁ ନିମନ୍ତ୍ରଣ କରିଥିଲେ। ବିଜୟା ପାଣିଗ୍ରାହି ଆସରର ଲିଙ୍କ ତିଆରିକରି ସମସ୍ତଙ୍କୁ ଜଏନ କରାଇଥିଲେ ତଥା ସୁଜାତା ଷଡଙ୍ଗୀ ନିମନ୍ତ୍ରଣ ପତ୍ର ପ୍ରସ୍ତୁତ କରିଥିଲେ। ସମୁଦାୟ କାର୍ଯ୍ୟକ୍ରମକୁ ବିଶ୍ୱମିତ୍ରା ମିଶ୍ର ସଂଯୋଜନା କରିଥିଲେ ଏବଂ ମୈତ୍ରେୟୀର ସଂପାଦିକ ଲକ୍ଷ୍ମୀ ଚାନ୍ଦ୍ ସ୍ୱାଗତ ଭାଷଣ ଦେଇଥିଲେ। ମୀନାକ୍ଷୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଛୁରାମାଡ଼ ଓ ଦଳବଦ୍ଧ ଆକ୍ରମଣ ଘଟଣାରେ ଆଉ ୫ ଅଭିଯୁକ୍ତ ଗିରଫ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଉମରକୋଟ ଡିଏନ୍‌କେ ଅଞ୍ଚଳର ତ୍ରିନାଥ ମନ୍ଦିର ନିକଟରେ ଯୁବକ ଦୀପକ ମଲଙ୍କୁ ଦଳବଦ୍ଧ ଆକ୍ରମଣ ଓ ଛୁରାମାଡ଼ ଘଟଣାରେ ପୋଲିସ ତଦନ୍ତ ଜୋରଦାର୍ ହୋଇଛି। ହତ୍ୟା ଉଦ୍ୟମ ସମେତ ବିଭିନ୍ନ ସଂଗିନ ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ଆଗକୁ ବଢୁଥିବା ବେଳେ, ଏହି ମାମଲାରେ ସୋମବାର ଆଉ ୫ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ପୂର୍ବରୁ ଗିରଫ ହୋଇଥିବା ୩ ଜଣଙ୍କୁ ମିଶାଇ ଏଯାବତ୍ ମୋଟ୍ ୮ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଗିରଫ ହୋଇଥିବା ନୂତନ ଅଭିଯୁକ୍ତମାନେ ହେଲେ- ଉମରକୋଟ କେନାଲ ସାହିର ସୀମାଞ୍ଚଳ ବାଘ (୨୮) ଚଢ଼େଇଗୁଡ଼ାର ପଙ୍କଜ କନ୍ଦପାନ (୨୯) ଚିକଲପଦର ଗ୍ରାମର ନୀଳାମ୍ବର ହରିଜନ ଓରଫ ଜିତୁ (୨୫) ମାଧବ ହରିଜନ (୧୯) ଉମରକୋଟ ଗାନ୍ଧୀ ଛକର ରାମ ହରିଜନ (୨୦) ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଓ ତଦନ୍ତ ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି। ଆବଶ୍ୟକ ପଡ଼ିଲେ ଗିରଫ ଅଭିଯୁକ୍ତମାନଙ୍କୁ ଅଧିକ

ପଚରାଉଚରା ପାଇଁ ରିମାଣ୍ଡରେ ଅଣାଯାଇପାରେ ବୋଲି ଏସ୍‌ଡିପିଓ ଶୁଭେନ୍ଦୁ ଶବର ସୂଚନା ଦେଇଛନ୍ତି। ଘଟଣାରେ ଆଉ କେତେକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଦିଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି ଏବଂ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏହି ଘଟଣାର ତଦନ୍ତକୁ ଜିଲ୍ଲା ପୋଲିସ ପ୍ରଶାସନ ସିଧାସଳଖ ତଦାରଖ କରୁଥିବା ବେଳେ, ଅଭିଯୁକ୍ତମାନଙ୍କୁ ଧରିବା ଏବଂ ଘଟଣାର ସମସ୍ତ ଦିଗ ଯାଞ୍ଚ କରିବା ପାଇଁ ୪ଟି ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଛି। ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅତିରିକ୍ତ ପୋଲିସ ଫୋର୍ସ ୨୪ ଘଣ୍ଟିଆ ପହରା ଦେଉଛି। ସ୍ଥିତିକୁ ଅନୁଧ୍ୟାନ କରି ଏହି ସୁରକ୍ଷା ବ୍ୟବସ୍ଥା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଅଞ୍ଚଳରେ ସ୍ଥିତି ଅନ୍ୟପକ୍ଷରେ, ଆକ୍ରମଣରେ ଆହତ ଦୀପକମଲଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ଠିକ୍ ଥିବା ତାଙ୍କ ପରିବାର ପକ୍ଷରୁ ସୂଚନା ମିଳିଛି। ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ରହିଛି। ଦଳବଦ୍ଧ ଆକ୍ରମଣ, ହିଂସା, ହତ୍ୟା ଉଦ୍ୟମ ଓ ମାରଣାସ୍ତ୍ର ବ୍ୟବହାର ସମ୍ପର୍କିତ ଅଭିଯୋଗର ଆଧାରରେ ଆଗକୁ ଆଉ କେତେ ଜଣ ଗିରଫ ହେଉଛନ୍ତି, ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

କେନାଲ୍ କାର୍ଯ୍ୟ ତୁରନ୍ତ ସାରିବାକୁ ଚାଷୀଙ୍କ ଦାବି

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜଳସେଚନ ବିଭାଗ ତରଫରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଦୋବନ୍ଦା ମୌଜା ଶୋବଳା ଗ୍ରାମର ଶତାଧିକ ଚାଷୀ କେନାଲ୍ ପାଇଁ ନିଜର ଚାଷ ଜମି ଦାନ କରିଥିଲେ। ତତ୍‌କାଳୀନ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ସମୟରେ ଉକ୍ତ କେନାଲ୍ ଖୋଳାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଅନାମବନ୍ଧୁ ଧଲଙ୍କ ଉଦ୍ୟମରେ ଏହି କେନାଲ୍ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜଳସେଚନ ବିଭାଗ ଦ୍ୱାରା ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅଧା ରହିଥିବା ଏହି କେନାଲ୍ କାର୍ଯ୍ୟକୁ ଆରମ୍ଭ କରାଯାଇଥିଲା କିନ୍ତୁ ନକ୍ସା ହିସାବରେ ଯୋଉ ପର୍ଯ୍ୟନ୍ତ କେନାଲ୍ ପହଞ୍ଚିବା କଥା ସେ ପର୍ଯ୍ୟନ୍ତ ପହଞ୍ଚୁନାହିଁ। ଅସମ୍ପୂର୍ଣ୍ଣ ହୋଇରହିଛି। ଯାହାଫଳରେ ଶହ ଶହ ଚାଷୀଙ୍କ ଜମିକୁ ଜଳ ଯାଇପାରୁନାହିଁ। ଫଳରେ ଏମାନେ ଚାଷ କରିବାରୁ ବଞ୍ଚିତ ହେଉଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ଚାଷ ଜମିରେ ଜଳ ଯୋଗାଇବା ପାଇଁ ଗୁରୁତ୍ୱ ଦେଉଥିବା ବେଳେ ଏହି କେନାଲ୍‌କୁ ସମ୍ପୂର୍ଣ୍ଣ ଖୋଳାଯାଇ ଚାଷୀମାନଙ୍କ ଚାଷ ଜମିରେ ପାଣି ଯୋଗାଇବା ପାଇଁ ଅସୀତବନ୍ଧୁ ଧଲଙ୍କ ନେତୃତ୍ୱରେ ସୌମେନ୍ଦ୍ର ପରିଡା, ସତ୍ୟଜିତ୍ ପ୍ରଧାନ, ବିଭୁ ପ୍ରସାଦ ପରିଡା, ପ୍ରଶାନ୍ତ ପରିଡା, କାବ୍ୟାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍, ସହକାରୀ ଯନ୍ତ୍ରୀ ଚଉଦକୁଲାଟ ଓ ଗୋଗୁଆ ସର୍କଲ୍ ଓ ଅଧିକ୍ଷଣ ଯନ୍ତ୍ରୀ କେନ୍ଦ୍ରାପଡାକୁ ପ୍ରଦାନ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

ମାନସିକ ସୁସ୍ଥତା ପାଇଁ ସହାନୁଭୂତି ଓ ସଚେତନତା ଜରୁରୀ

ବାଲେଶ୍ୱର, ନ୍ୟୁଜ୍

ଫକୀରମୋହନ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ଓ ବିଶ୍ୱବିଦ୍ୟାଳୟ ପରାମର୍ଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ମାନସିକ ସୁସ୍ଥତା ମାନବ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଉଲ୍ଲେଖ କରିବା ସହ ଏ ଦିଗରେ ସଚେତନତା ବୃଦ୍ଧି, ସହାନୁଭୂତିର ସହ ଅନ୍ୟର କଥା ଶୁଣିବା ଓ ଠିକ୍ ସମୟରେ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ସ୍ୱାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଓ କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିଙ୍ଗକର ବିଶେଷ ଅତିଥି ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ସାମାଜିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷୀୟ ଅଭିଭାଷଣରେ କୁଳପତି ପ୍ର

ପକ୍ଷାନ୍ତରୀୟ

32 YEARS

ସମ୍ବାଦ କଳିକା

ଓଡ଼ିଶା ଦେଶର ଦ୍ୱିତୀୟ ମହଙ୍ଗା ବଜାର

ଦରଦାମ୍ ଚାପରେ ଅଣନିଃଶ୍ୱାସୀ ଖାଉଟି ।

ଯଦି ଓଡ଼ିଶା କଥା କୁହାଯାଏ ତା'ହେଲେ ଏହା ଏବେ ଦେଶର ଦ୍ୱିତୀୟ ମହଙ୍ଗା ବଜାର । ଅର୍ଥାତ୍ ଦେଶର ଅନ୍ୟାନ୍ୟ ପ୍ରାନ୍ତ ତୁଳନାରେ ରାଜ୍ୟବାସୀ ବିଭିନ୍ନ ସାମଗ୍ରୀ ଏବଂ ସେବା ପାଇଁ ଅଧିକ ଟଙ୍କା ଗଣୁଛନ୍ତି । ଗତ ସେପ୍ଟେମ୍ବର ମାସରେ ରାଜ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ୬% ପାର କରି ୬.୭୦% ଛୁଇଁଛି । ଏହା ଜାତୀୟ ହାରାହାରି ୫.୫୪% ତୁଳନାରେ ୧.୧୬% ଅଧିକ । ପରିସଂଖ୍ୟାନ ଏବଂ ଯୋଜନା କାର୍ଯ୍ୟାନ୍ୱୟନ ମନ୍ତ୍ରାଳୟ ପକ୍ଷରୁ ସୋମବାର ଜାରି ତଥ୍ୟ ଅନୁସାରେ, ଗ୍ରାମୀଣ ଓଡ଼ିଶାରେ ସ୍ଥିତି ଅସମ୍ଭାଳ । ଗ୍ରାମାଞ୍ଚଳରେ ଦରଦାମ ବୃଦ୍ଧି ସ୍ତର ୭.୦୭% ରହିଛି । ଦେଶର ଅନ୍ୟ ପ୍ରାନ୍ତଗୁଡ଼ିକ ତୁଳନାରେ ଗ୍ରାମୀଣ ଓଡ଼ିଶାରେ ଲୋକଙ୍କ ଉପରେ ଚାପ ଅଧିକ ରହିଛି । ଅନ୍ୟପକ୍ଷରେ, ସହରାଞ୍ଚଳ ଓଡ଼ିଶାରେ ମୁଦ୍ରାସ୍ଫୀତି ୫.୨୩% ରହିଛି । ରାଜ୍ୟ ସ୍ତରରେ ତାମିଲନାଡୁରେ ମୁଦ୍ରାସ୍ଫୀତି ହାର ସବୁଠୁ ଅଧିକ ୬.୮୧% ରହିଛି । ୬.୭୦% ସହିତ ଓଡ଼ିଶା ଦ୍ୱିତୀୟ ସ୍ଥାନରେ, ୬.୬୮% ସହିତ ମଧ୍ୟ ପ୍ରଦେଶ ତୃତୀୟ ସ୍ଥାନରେ ରହିଛି । ତେଲଙ୍ଗାନାରେ ଏହା ୬.୬୪% ଏବଂ ଆନ୍ଧ୍ରପ୍ରଦେଶରେ ୬.୨୯% ରହିଛି । ପ୍ରକାଶଯୋଗ୍ୟ, ଅଗଷ୍ଟରେ ଓଡ଼ିଶାରେ ଖୁଚୁରା ମୁଦ୍ରାସ୍ଫୀତି ୫.୫% ଥିଲା । ସେପ୍ଟେମ୍ବରରେ ଏଥିରେ ୧.୨% ବୃଦ୍ଧି ଘଟିଛି । ଅର୍ଥାତ ମାସକୁ ମାସ ଦରଦାମ୍ ସ୍ଥିତି ଏଠାରେ ଉତ୍କଟ ହୋଇଚାଲିଛି । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍ଏସ୍ଓ) ତଥ୍ୟ ଅନୁସାରେ, ଖାଦ୍ୟ ଦର ବୃଦ୍ଧି ଯୋଗୁ ସେପ୍ଟେମ୍ବରରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫.୫୪%କୁ ବୃଦ୍ଧି ପାଇଛି । ଚଳିତ ବର୍ଷ ରେକର୍ଡ ହୋଇଥିବା ଏହା ସର୍ବୋଚ୍ଚ ଦରଦାମ୍ ବୃଦ୍ଧି ହାର। ଅଗଷ୍ଟରେ ଏହା ୪.୮୩% ଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ମୁକାବିଲା ପାଇଁ ରେପୋରେଟକୁ ୨୫ ବେସିସ୍ ପଏଣ୍ଟ ବଢ଼ାଇବାର ମାତ୍ର କେଇ ଦିନ ପରେ ମୁଦ୍ରାସ୍ଫୀତି ଅଙ୍କ ପ୍ରକାଶ ପାଇଛି । ନୂଆ ସିପିଆଇ ସିରିଜ୍‌ରେ ପ୍ରଥମ ଥର ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୫% ପାର କରିଛି । ସରକାରୀ ତଥ୍ୟ ଅନୁସାରେ, ଆଲୋଚ୍ୟ ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ୭.୭୪%କୁ ବଢ଼ିଛି, ଯାହାକି ଅଗଷ୍ଟରେ ଥିଲା ୫.୯୭% । ଖାଦ୍ୟ ଏବଂ ପାନୀୟ କ୍ଷେତ୍ରରେ ଦରଦାମ୍ ବୃଦ୍ଧି ହାର ୭.୩୬% ରହିଛି । ପିଆଜ, ଅଦା, ରସୁଣ ଏବଂ ଲେମ୍ବୁ ଆଦି ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ଅଧିକ ରହିଛି । ପରିବହନ, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ସାମଗ୍ରୀ ଓ ସେବା ଆଦି ମହଙ୍ଗା ହୋଇଛି । ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଦରଦାମ ବୃଦ୍ଧି ଉତ୍କଟ ରହିଛି । ଗ୍ରାମୀଣ ଏବଂ ସହରାଞ୍ଚଳ ଭାରତରେ ଏହା ଯଥାକ୍ରମେ ୬.୦୮% ଏବଂ ୪.୮୮% ରହିଛି ।

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଧନ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ସଂସାରରେ ସମସ୍ତେ ଧନ ରୋଜଗାର ପାଇଁ ବ୍ୟସ୍ତ, ମାନ ସମ୍ମାନ ପାଇଁ ବ୍ୟସ୍ତ, କିନ୍ତୁ ଧନ୍ୟ କେତେଜଣ ହୋଇପାରିଛନ୍ତି ?(ପରୋପକାରାୟଃ ସ୍ୱର୍ଗାୟଃ)ଧନ୍ୟ ସେହି ଲୋକ ଯେ ପରର ଉପକାର ପାଇଁ ସର୍ବଦା ଚେଷ୍ଟିତ ହୋଇଥାଏ ସେ ଧନ ପଛରେ ଗୋଡାଏ ନାହିଁ ଧନ ତା ପଛରେ ଗୋଡାଏ । ମାନ ସମ୍ମାନ ତା ପଛରେ ଗୋଡାଇଥାଏ। କିନ୍ତୁ ସେଥିପ୍ରତି ଦୃଷ୍ଟି ନ ଦେଇ ପରମ ସେବାରେ ନିଜକୁ ହଜାଇ ମଜାଇ ଦେଇଥାଏ । ସେ ହିଁ ଧନରୁ ଧନ୍ୟ ହୋଇଯାଇଥାଏ । ସେ ରିକ୍ସାବାଲା ହେଉ କି ରାଷ୍ଟ୍ରପତି ହେଉ କର୍ତ୍ତବ୍ୟରେ ଯେ ନିଷ୍ଠା ରଖି ସମାଜ ପାଇଁ କିଛି ସୃତି ଛାଡିଯାଏ ସେ ଆପେ ଆପେ ପ୍ରଭୁଙ୍କ ଦରବାରରେ ଧନ୍ୟ ହୋଇଯାଏ । ତେଣୁ ଧର୍ମ ପାଇଁ ଧକ୍କା ସହିବାକୁ ପଡେ, ଆଉ ଯିଏ ଧକ୍କା ସହେ ସେହିଁ ଧୈର୍ଯ୍ୟବାନ୍ ବ୍ୟକ୍ତି । ସେହି ଧନ୍ୟ, କାରଣ ସେ ପିଟା ସୁନା । ସେ ଜହ୍ନର ମୂଲ୍ୟକୁ ବୁଝିପାରିଥାଏ । ସୃଷ୍ଟିର ରହସ୍ୟ କୁ ଭେଦି ପାରିଥାଏ । କାରଣ ଶୂନ୍ୟ ହିଁ ପୂର୍ଣ୍ଣ। ଆଗ ଶୂନ୍ୟ ହେବା ପାଇଁ ଚେଷ୍ଟା କର । କାରଣ କଥାରେ ଅଛି-

କସି କସାଇ ଧନ ଦେବ
ନହେଲେ ବାହୁଡାଇ ଦେବ ।

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଓଡ଼ିଆ ଲିପି ଓ ଭାଷାର ଅଭ୍ୟୁଦୟରେ ଭୁବନେଶ୍ୱରର ଅବଦାନ (୩)

ରାଜଧାନୀ ଭୁବନେଶ୍ୱରର ଉତ୍ତରଦିଗରେ ଥିବା ଚୌଦ୍ୱାରଗଡ଼ ନିକଟସ୍ଥ ସରକାରୀ ଡାକବଙ୍ଗଳା ତଳ ତଥା ମହାନଦୀ-କାଠଯୋଡ଼ି ନଦୀକୂଳରେ ଥିବା ନରାଜ ପାହାଡ଼ ସଂଲଗ୍ନ ଏକ ଚିତ୍ରଭାଷାର ଶିଳାଲେଖ ଦେଖାଯାଏ। ସେଥିରେ ଡଙ୍ଗା ବାହିବା ସହ ମାଛ ଧରିବାର ଚିତ୍ର ରହିଛି । ମାତ୍ର କୌଣସି ଲିପି ନାହିଁ। ଚିତ୍ରଟି ସୁନ୍ଦର ଭାବରେ ଡଙ୍ଗା ବାହିବାସହ ମାଛ ଧରିବାର ସଙ୍କେତ ଦେଉଛି । ମହାନଦୀ କୂଳରେ ଥିବା ଏଭଳି ଚିତ୍ର ନିଶ୍ଚିତ ଭାବରେ ସେଠାର ଏକ ମାଛଧରା ଘାଟ ବା ବନ୍ଦର ଥିବାର ସୂଚନା ଦେଉଛି । ଏପରି ଚିତ୍ର ସଙ୍କେତ ଖ୍ରୀଷ୍ଟପୂର୍ବର ବୋଲି ନିଶ୍ଚିତ କୁହାଯାଇପାରେ। ମାତ୍ର ସମୟ ଆକଳନ କରିହୁଏ ନାହିଁ । କୌଣସି ଆଲୋଚକ ଏହାର ସବିଶେଷ ଆଲୋଚନା ବି କରିନାହାନ୍ତି । ହୁଏତ ତାହା ପାଖକୁ ଲାଗିଥିବା ଏକ ଦେବୀ ବିଗ୍ରହର ପୂଜା ନିମନ୍ତେ ସେଠାରେ ପ୍ରତ୍ୟହ ଜନସମାଗମ ହୋଇଥାଏ।

ପୂର୍ବ ଆଲୋଚ୍ୟ କପିଳେଶ୍ୱର ଜନପଦ ନିକଟରେ ରହିଛି ସୁନ୍ଦରପଦା। ଏହାର ପଶ୍ଚିମ ଦିଗର ଶେଷ ଭାଗରେ ରହିଛି 'କାଳିଆଶୁଣି' ନାମରେ ତିନିଗୋଟି ବିଗ୍ରହ। ଦୁଇ ନାଗରାଣୀଙ୍କ ମଝିରେ ରହିଛନ୍ତି ନାଗରାଜ। ଦକ୍ଷିଣ ପଟର ପ୍ରଥମ ରାଣୀ ଓ ନାଗରାଜାଙ୍କ ମଝିରେ ରହିଛନ୍ତି ଧ୍ୟାନରତ ବୁଦ୍ଧଙ୍କର କ୍ଷୁଦ୍ର ବିଗ୍ରହ ଯାହାକୁ ମୁଚ୍ଛଲିନ୍ଦ ବୁଦ୍ଧ ଭାବେ ଚିହ୍ନଟ କରାଯାଇପାରେ। କାରଣ ମୁଚ୍ଛଲିନ୍ଦ ନାମରେ ନାଗରାଜ ଗୌତମବୁଦ୍ଧଙ୍କୁ ତାଙ୍କର ସାଧନାବେଳେ ସମସ୍ତ ବିପଦରୁ ରକ୍ଷା କରୁଥିଲେ। କାଳିଆଶୁଣି ନାମରେ ନାମିତ ଏପରି ନାଗ ବିଗ୍ରହମାନଙ୍କର ଉଚ୍ଚତା ୫'୩" ଓ ଏହା ଖ୍ରୀଷ୍ଟପୂର୍ବ ୩ୟ ବା ୪ର୍ଥ ଶତାବ୍ଦୀର ବୋଲି ଚିହ୍ନଟ କରାଯାଇପାରେ। ଏଥିରୁ ଜଣାଯାଏ ଯେ ଦିନେ ଭୁବନେଶ୍ୱର ଅଞ୍ଚଳରେ ନାଗମାନଙ୍କର ଶାସନ ବି ପ୍ରଚଳିତ ଥିଲା ଓ ଏଠାରେ ଥିବା କେତେକ ଜନପଦର ନାମକରଣ ଏବେ ବି ସେ ଦିନର ସ୍ମୃତିକୁ ହଜାଇ ଦେଉଛି । ସେଗୁଡ଼ିକ ହେଲା ଛନ୍ଦକ (ଚନ୍ଦକା) ଶଙ୍ଖପାଳ, ପଦ୍ମକେଶରୀପୁର, କୋରଡ଼ (କ୍ରକୋଟକ)କଣ୍ଡା । ଉରୁବେଳ ନାମରେ ଏକ ପ୍ରାଚୀନ ଜନପଦ କପିଳେଶ୍ୱରପୁର ଗ୍ରାମ ସନ୍ନିକଟରେ ରହିଛି ଓ ଏହା ଏବେ ବି ଏକ ରାଜସ୍ୱ ଗ୍ରାମ। ଉରୁବେଳ ଥିଲା ଏକ ହିଂସ୍ରନାଗ ରାଜା ଓ ବୁଦ୍ଧଦେବ ତାକୁ ନିଜର ଆୟତ୍ତକୁ ଆଣିପାରିଥିଲେ। ଏହି ଜନପଦର ଉତ୍ତରଦିଗ ବା ଦୁଇ କିଲୋମିଟର ବ୍ୟବଧାନରେ ରହିଛି ପ୍ରାୟ ୨୦ ଏକର ପରିମିତ ବିସ୍ତୃତ ମହାଭୋଇ ପୁଷ୍କରିଣୀ। ଅପଭ୍ରଂଶରେ ମହାବୋଧିରୁ ମହାଭୋଇ (ମହାଭୋଗୀ ବା ମହାନାଗ) ନାମକରଣ ହୋଇପାରିଥାଏ। ମହାଭୋଇ ମଧ୍ୟ ନାଗଗୋତ୍ରୀୟ ଓ ସେମାନଙ୍କ ଧର୍ମ ଥିଲା ବୌଦ୍ଧ। ଏହି ଭୋଇ (ଭୋଗୀ ଅର୍ଥାତ ନାଗ) ସଂଜ୍ଞାଧାରୀ ଗୋତ୍ରର ମଧ୍ୟରେ ଏପରି ସାଂସ୍କୃତିକ ନିବିଡ଼ତା ପ୍ରଚଳିତ ଭାଷା ଉପରେ କାହିଁକି ବା ପଡ଼ି ନଥିବ ? ତେଣୁ ଅଶୋକଙ୍କ ରାଜତ୍ୱ ପୂର୍ବରୁ ତୋଷାଳି, ଉତ୍କଳ ବା ଉତ୍ତ ଭାଷା ଉପରେ ପାଲି ଭାଷାର ନିଶ୍ଚିତ ପ୍ରଭାବ ପଡ଼ି ତାହା କାଳକ୍ରମେ ଉତ୍ତ-ମାଗଧ୍ୟର ରୂପ ନେଇପାରିଛି ।

ଭୁବନେଶ୍ୱର ସହରର ଦକ୍ଷିଣଦିଗରେ ବହିଯାଉଥିବା ଦୟାନଦୀର ଅବବାହିକାରେ ରହିଛି ଇତିହାସ ପ୍ରସିଦ୍ଧ ବୌଦ୍ଧ ସ୍ଥାପତ୍ୟ ଅରାଗଡ଼ । ଏହି ପାହାଡ଼ ଉପରେ କନ୍ଦା ଓ ମୁଗୁନି ପ୍ରସ୍ତରରେ ନିର୍ମିତ ଏକ ବର୍ଗାକାର ଦ୍ୱିତଳ କୋଠରି ବିଶିଷ୍ଟ ବଜ୍ରଯାନୀ ବୌଦ୍ଧମାନଙ୍କ ଧ୍ୟାନ ମନ୍ଦିର ରହିଛି । ଏହାର ପ୍ରସ୍ଥ ଓ ଲମ୍ବ ୪ଫୁଟ ୯ଇଞ୍ଚ। ମୋଟେଇ ୧ ଫୁଟ ୫ଇଞ୍ଚ। ଉପର କୋଠରିର ଦ୍ୱାରର ଆୟତନ ୧ଫୁଟ ୯ଇଞ୍ଚ ଢ ୧ଫୁଟ ୧୦ଇଞ୍ଚ। ତଳରୁ କୋଠାର ସମୁଦାୟ ଉଚ୍ଚତା ୧୫ଫୁଟ ଓ ବର୍ଗାକାର ପ୍ରସ୍ଥ ହେଉଛି ୪ଫୁଟ ୯ଇଞ୍ଚ। ଉତ୍ତର ଦିଗକୁ ମୁହଁ କରିଥିବା ଉପର ମହଲାର ପ୍ରବେଶ ଦ୍ୱାରଦେଶର ଦୁଇପଟରେ ରହିଛି ଦୁଇଟି ନାଗକନ୍ୟା। ସେମାନଙ୍କର ଲମ୍ବ ୩ଫୁଟ ୨ଇଞ୍ଚ ଓ ଗୋଲେଇ ୧ଫୁଟ ୬ଇଞ୍ଚ। ନାଗକନ୍ୟାମାନଙ୍କର ତଳେ ରହିଛି ଗଜସିଂହର ମୂର୍ତ୍ତି । ଧ୍ୟାନ ମନ୍ଦିର ମଧ୍ୟରେ ଏକ ଛୋଟ ସିଂହାସନ। ଉପରୁ ତଳ କୋଠରିକୁ ଯିବା ନିମନ୍ତେ ରହିଛି ୧ଫୁଟ ୬ଇଞ୍ଚର ଏକ ବର୍ଗାକୃତି ବାଟ। ବହୁ ଖଣ୍ଡିତ ବୌଦ୍ଧ ବିଗ୍ରହମାନ ସେଠାରେ ପଡ଼ିରହିଛି । ଉପର କୋଠରିର ଦ୍ୱାର ଦେଶରେ ଦୁଇଧାଡ଼ିର ନାଗରୀ ଲିପିର ରହିଛି ଶିଳାଲେଖ। ଐତିହାସିକ ତଥା ଲିପିତତ୍ତ୍ୱବିତ ସ୍ୱର୍ଗତ ଡଃ ସତ୍ୟନାରାୟଣ ରାଜଗୁରୁ ଏହାକୁ ନିମ୍ନୋକ୍ତ ପ୍ରକାରରେ ପଢ଼ିଛନ୍ତି ।

ପ୍ରଥମ- ପାବଣ ଦାରିଦୁ
ଦ୍ୱିତୀୟ- ଭବନ ଦୃଶ ଯା କଲ୍‌ପଦଃ
ପ୍ରଥମ ଓ ଦ୍ୱିତୀୟ ମିଶି-ପାବଣ ଦାରି ଭବନ ଦୃଶଯା କଳପଦଃ

ଅର୍ଥ ହେଲା- ପା-ବଣ (ଘନବଣ), ଦାରି (ବିଦାରଣ କରୁଥିବା) ଭବନ (ଗୃହ) ଦୃଶ (ଦେଖାଯାଉଥିବା) ପା (ଯୋ)-ଯେ କଲ୍‌ପଦଃ (ବାଞ୍ଛିତ ଦାତା)। (ପାଠରେ ବହୁ ଭୁଲ ରହିଥିବାର ଅନୁମାନ)

ଏଥିର ଲିପି ନାଗରୀ ଓ ଭାଷା ହେଉଛି ଉତ୍ତ ମିଶା ସଂସ୍କୃତ। ଖ୍ରୀଷ୍ଟାବ୍ଦ ୭ମ ବା ଅଷ୍ଟମ ଶତାବ୍ଦୀରେ ଏହା ନିର୍ମିତ ହୋଇଥିବାର ଐତିହାସିକ ମତ ରହିଛି । ତେବେ ଏହାକୁ କେତେକ ଏହି ସମୟର ପୂର୍ବରୁ ଥିବାର କହିଥାନ୍ତି । ଓଡ଼ିଆ ଶବ୍ଦ ସହିତ ଏହି ଲିପିର ସାମଞ୍ଜସ୍ୟ ସହଜରେ ଆକଳନ କରାଯାଇପାରେ।

ଭୁବନେଶ୍ୱରରେ ଥିବା ଲିପିର ବିଚାର

ବର୍ତ୍ତମାନର ଭୁବନେଶ୍ୱର ଓ ପାଖ ଜନପଦମାନଙ୍କୁ ନେଇ ତାହାର ଇତିହାସ ଗଢ଼ି ଉଠିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଅଧିକ ଆଲୋଚନା କଲେ ଦେଖାଯାଏ ଯେ ଏହିସବୁ ଅଞ୍ଚଳରେ ରହିଛି ଚିତ୍ରଭାଷା, ବ୍ରାହ୍ମୀ, ଖରୋଷ୍ଠୀ, ନାଗରୀ ଓ ଓଡ଼ିଆ ଲିପିମାନ ସହ ପାଲି, ଅର୍ଦ୍ଧମାଗଧୀ / ଉତ୍ତରାଗଧ୍ୟ ଓ ଓଡ଼ିଆ ଭାଷାମାନ। ସେହିସବୁର ଅଳ୍ପ କେତୋଟି ସଙ୍କେତ ନିମ୍ନରେ ପ୍ରଦତ୍ତ ହୋଇଛି ।

ସ୍ଥାନ
ଲିପି ଓ ଭାଷା
ସମୟ

ନରାଜ- ଚିତ୍ରଲିପି- ଖ୍ରୀଷ୍ଟପୂର୍ବର-ସମୟ ଆକଳନ ସମ୍ଭବ ନୁହେଁ।

ଧଉଳି- ବ୍ରାହ୍ମୀ- ଭାଷା ପାଲି- ଖ୍ରୀଷ୍ଟପୂର୍ବ ୩ୟରୁ ୨ୟ

ଖଣ୍ଡଗିରି ଓ ଉଦୟଗିରି (ଭୁବନେଶ୍ୱର)- ବ୍ରାହ୍ମୀ- ଭାଷା ଅର୍ଦ୍ଧମାଗଧୀ- ଖ୍ରୀଷ୍ଟପୂର୍ବ ପ୍ରଥମ

ଅରାଗଡ଼- ନାଗରୀ- ଭାଷା ଅର୍ଦ୍ଧମାଗଧୀ- ଖ୍ରୀଷ୍ଟପର ୭ମ ବା ଅଷ୍ଟମ ଶତାବ୍ଦୀ

କପିଳେଶ୍ୱର-ବ୍ରାହ୍ମୀ-(ର,ସ,ହ,ବ)- କେତୋଟି ମାତ୍ର ଅକ୍ଷର ଆଧାରରେ ସମୟ ଆକଳନ କରିବା ସମ୍ଭବ ନୁହେଁ

ଭବାନୀଶଙ୍କର ମନ୍ଦିର ପ୍ରାଚୀର(ଭୁବନେଶ୍ୱର)-ଲିପି ବ୍ରାହ୍ମୀ- ଭାଷା ପାଲି(ପାଠ ହୋଇପାରିନାହିଁ)- ଖ୍ରୀଷ୍ଟପୂର୍ବର

ଗାଡ଼କଣ (ଭୁବନେଶ୍ୱର)ମହିମା ଗାଦି ନିକଟ-ବ୍ରାହ୍ମୀ /ନାଗରୀ (ସ୍ପଷ୍ଟ ନୁହେଁ)- ପାଠ ହୋଇନାହିଁ- ସମୟଆକଳନ ପାଠ ଉଦ୍ଧାର ପରେ

ଲିଙ୍ଗରାଜ ମନ୍ଦିର- ବହୁ ନାଗରୀ ଓ ଓଡ଼ିଆ ଲିପିମାନ ରହିଛି । ଭାଷା-ସଂସ୍କୃତ ଓ ଓଡ଼ିଆ (ସ୍ୱତନ୍ତ୍ର ଆଲୋଚନାର ଆବଶ୍ୟକତା ରହିଛି)

ବ୍ରହ୍ମେଶ୍ୱର (ଭୁବନେଶ୍ୱର)- ନାଗରୀ- ଭାଷା ସଂସ୍କୃତ-ଖ୍ରୀ.ଅ. ଦ୍ୱାଦଶ

ଭାସ୍କରେଶ୍ୱର ଶିବ ସ୍ତମ୍ଭ-ବ୍ରାହ୍ମୀ-ଭାଷା-ପାଲି (ସ୍ତମ୍ଭର ତଳେ କେତୋଟି ଅକ୍ଷର)- ଖ୍ରୀଷ୍ଟପୂର୍ବର

ପରଶୁରାମେଶ୍ୱର-ନାଗରୀ-ଭାଷା-ସଂସ୍କୃତ-୮ମ ଶତାବ୍ଦୀ

ମେଘେଶ୍ୱର (ଭୁବନେଶ୍ୱର)-ନାଗରୀ-ଭାଷା ସଂସ୍କୃତ-ଖ୍ରୀ.ଅ.-ଏକାଦଶ ବା ଦ୍ୱାଦଶ

ଅନନ୍ତ ବାସୁଦେବ (ଭୁବନେଶ୍ୱର)- ନାଗରୀ-ଭାଷା ସଂସ୍କୃତ- ଖ୍ରୀ.ଅ. ତ୍ରୟୋଦଶ

ରାଜ୍ୟ ସଂଗ୍ରହାଳୟ (Bell capital)-ବ୍ରାହ୍ମୀ-ପାଲି-ଖ୍ରୀଷ୍ଟପୂର୍ବ

ଶୋଭନେଶ୍ୱର (ନିଆଳୀ)- ଲିପି-ନାଗରୀ- ଭାଷା-ସଂସ୍କୃତ- ଖ୍ରୀ.ଅ. ଦଶମ ବା ଏକାଦଶ

କେନ୍ଦୁବିଲ୍ୱ (ବାଲିଅନ୍ତା) (ପଦ୍ମାବତୀ ମନ୍ଦିର ଓ ସଂଗ୍ରହାଳୟ)- ଲିପି-ନାଗରୀ-ଭାଷା-ସଂସ୍କୃତ- ଖ୍ରୀ.ଅ. ଦ୍ୱାଦଶ ଶତାବ୍ଦୀ ପର

ବୃଢ଼ଙ୍ଗଗଡ଼ (କନକକେଶ୍ୱରୀ ବିଗ୍ରହ) (ନନ୍ଦନକାନନ ନିକଟ)- ଲିପି ଓ ଭାଷା-ଓଡ଼ିଆ- ସମୟ ଆକଳନ କରିହୁଏ ନାହିଁ।

ବୁଦ୍ଧନାଥ (ବାଲିପାଟଣା) (କ୍ଷୁଦ୍ର ଶିଳାଖଣ୍ଡ)-ନାଗରୀ-ଭାଷା ସଂସ୍କୃତ-୯ମ ବା ଦଶମ ଶତାବ୍ଦୀ

ଭଅଁରାଗଡ଼ (ବାଲିପାଟଣା)- ମଧୁକେଶ୍ୱର ମନ୍ଦିର- ଲିପି ଓ ଭାଷା-ଓଡ଼ିଆ ଖ୍ରୀ.ଅ. ୧୫ ବା ୧୬ଶ

ପ୍ରତାପରୁଦ୍ରପୁର (ବାଲିଅନ୍ତା) (କେନ୍ଦୁଳୀ ଗ୍ରାମ ସନ୍ନିକଟ ଆଖଣ୍ଡଳମଣି ମନ୍ଦିର)- ଲିପି-ନାଗରୀ-ଭାଷା-ସଂସ୍କୃତ-ଖ୍ରୀ.ଅ. ୧୩ଶ ଶତାବ୍ଦୀ।

ଚୂଡ଼ଙ୍ଗଗଡ଼ର ଅଧିଷ୍ଠାତ୍ରୀ ଦେବୀ 'କନକେଶ୍ୱରୀ' ଏବେ ବାରଙ୍ଗ ଥାନା ନିକଟରେ ଥିବା ଏକ ଭବ୍ୟ ମନ୍ଦିର ମଧ୍ୟରେ ପୂଜା ପାଉଛନ୍ତି । ବିଗତ ଶତାବ୍ଦୀରେ ବାରଙ୍ଗରେ ପ୍ରତିଷ୍ଠା ହୋଇଥିବା କାଚ କାରଖାନାର ମାଲିକ ଦେଓକରଣ ଝୁନଝୁନୱାଲା ହେଉଛନ୍ତି ଏହି ମନ୍ଦିର ନିର୍ମାଣକାରୀ। ଦେବୀ ହେଉଛନ୍ତି ଚତୁର୍ଭୁଜା। ଓଡ଼ିଶାରେ ପୂଜିତ ପ୍ରାଚୀନ ଚତୁର୍ଭୁଜା ବିଗ୍ରହମାନଙ୍କ ମଧ୍ୟରେ ଏହା ଅନ୍ୟତମ। ତାଙ୍କ ପାଦ ନିକଟରେ ଦୁଇଟି ସିଂହ ଦୁଇ ପାଖରେ ରହିଛନ୍ତି। ଯାହାକି ବିଗ୍ରହ ଗଢ଼ଣର ଏକ ବ୍ୟତିକ୍ରମ। ସିଂହର ଉପରକୁ ଥିବା ପାଦ ନିକଟରେ ଜଣେ ଉପାସକ ଅଧିଆ ପଡ଼ିଛନ୍ତି। ତାଙ୍କ ମୁଣ୍ଡ ପାଖରେ ଅର୍ଥାତ୍ ଦେବୀଙ୍କ ବାମ ପାଦର ବାମ ଭାଗରେ ପ୍ରାଚୀନ ଓଡ଼ିଆ ଅକ୍ଷରରେ ଖୋଦିତ ଅଛି ଦୁଇଧାଡ଼ିର ଅସ୍ପଷ୍ଟ ଶିଳାଲିପି। ତାହା ହେଲା "କନକସେରି ପିଠେ ମୁସୁଳିଆ ସରଣ ଚରଣେ।" କନକସେରି ଶବ୍ଦ ଲଗା ଯାଇଥିବାରୁ ଏହା ଖାରବେଳଙ୍କ ଉଦୟଗିରି ଶିଳାଲିପିରେ ପ୍ରଯୋଜିତ 'ଶିରି ଖାରବେଳ' ଓ 'କୁଡ଼େପଶିରି' ଇତ୍ୟାଦିର ଅନୁରୂପ ବୋଲି କୁହାଯାଇପାରେ। ଶବ୍ଦଟି 'କନକେଶ୍ୱରୀ' ଲେଖା ହେବା ସ୍ଥାନରେ 'କନକ ସେରି' ଲେଖାଯାଇଥିବାରୁ ଅକ୍ଷର ନିୟୋଜନରେ ସାମାନ୍ୟ ବ୍ୟତିକ୍ରମ ହୋଇଥିବାର ଜଣାପଡୁଛି । ଯେତେବେଳେ ଓଡ଼ିଶାରେ ସଂସ୍କୃତ ଭାଷାର ସମ୍ପୂର୍ଣ୍ଣ ଅଭ୍ୟୁଦୟ ହୋଇ ତାହାର ପ୍ରଭାବ ଓଡ଼ିଆ ଜନଜୀବନର ଭାଷା ଉପରେ ପ୍ରତିଫଳିତ ହୋଇ ସାରିଲାଣି ସେତେବେଳେ କନକେଶ୍ୱରୀ ସ୍ଥାନରେ 'ସେରି' ଶବ୍ଦ ଲଗାଯାଇଥିବାରୁ ତାହା ସେହି ଭାଷାର ବିକାଶ ପୂର୍ବରୁ ବା ସମସାମୟିକ ହୋଇଥାଇପାରେ। କନକ ହେଉଛି ଏକ ସଂସ୍କୃତ ଶବ୍ଦ। ଧାଡ଼ିରେ ବନାନଗତ ଭୁଲ ବି ରହିଛି । ଶରଣ ଶବ୍ଦର 'ଶ' ଲାଗିବା ସ୍ଥାନରେ 'ସ' ହୋଇଛି । ଯାହାକି ଅକ୍ଷର ସଂଯୋଜନାର ଅଶୁଦ୍ଧି । ତେଣୁ ଶବ୍ଦଗତ ତ୍ରୁଟି ହେତୁ ଧାଡ଼ିଟିର ଭାଷାରେ ସଂସ୍କୃତ ପ୍ରଭାବ ରହିବାସହ ଲିପି ଲେଖକ ସେତେବେଳର ପୂର୍ବ ପ୍ରଭାବକୁ ଭୁଲିଯାଇନାହାନ୍ତି । ମୁସଳିଆ ବା ମୁସଳୀଆ ସମ୍ଭବତଃ କାରିଗର ବା ମୂର୍ତ୍ତି ଦାନକାରୀଙ୍କ ନାମ। ମୁସୁଳିଆ ଶବ୍ଦର 'ସ' ସ୍ଥାନରେ 'ଷ' ରହିବାର କଥା । ତେଣୁ ଜଣାଯାଉଛି ଯେ ସେତେବେଳର ବ୍ୟବହୃତ ବର୍ଣ୍ଣରେ 'ସ'ର ଉପଯୋଗ ବିଶେଷ ହେଉଥିଲା। ଅନ୍ୟ ଦୁଇଟି 'ଶ' 'ଷ'ର ବ୍ୟବହାର ସେତେବେଳେ ଥିଲେ ବି ସମ୍ଭବତଃ ଚଳୁନଥିଲା। କହିବାକୁ ଗଲେ 'ସେରି' ଶବ୍ଦ ଓ 'ସ' ଅକ୍ଷର ଧାଡ଼ିରେ ଥିବା ହେତୁ ଉତ୍ତରମାଗଧ୍ୟର ପ୍ରଭାବରୁ ତାହା ଆଦୌ ମୁକ୍ତ ହୋଇନାହିଁ ବୋଲି କୁହାଯାଇପାରେ। (ଖାରବେଳଙ୍କ ଶିଳାଲିପିରେ 'ସ' ଅକ୍ଷରର ବିଶେଷ ପ୍ରୟୋଗ ହୋଇଛି । ସେଗୁଡ଼ିକର ପୁନଃ ଅନୁସନ୍ଧାନ ଆବଶ୍ୟକ।) ପ୍ରଥମ ଧାଡ଼ି-

ନମୋ ଅରହଂତାନଂ (କ୍ଷ)
ନମୋ ସବସି ଧାନଂ।

ଐରେଣ ମହାରାଜେନ ମହାମେଘବାହନେନ ଚେତରାଜ ବସ ବଧନେନ ପସଥ
ସୁଭ ଲକ୍ଖନେନଂ ଚତୁରଂତ ଲୁଠ (ନ)ଗୁଣ ଉପତେନ କଲିଙ୍ଗାଧିପତି ସିରି ଖାରବେଳନ

ସେହିଭଳି ବାଲିପାଟଣା ଥାନା କୁଶଭଦ୍ରା ନଦୀକୂଳରେ ଥିବା ଭଁରାଗଡ଼ ଜନପଦର ମଧୁକେଶ୍ୱର ମନ

ଆଜ୍ଞା

ଆଦିଶକ୍ତିଙ୍କ ଦିବ୍ୟ ସ୍ୱରୂପ ଚନ୍ଦ୍ରଘଣ୍ଟାଙ୍କ ଉପାସନା

କୁହାଯାଏ ଯେଉଁଠି ଭୟ ଅଛି, ସେଠି ସାହସ ହୋଇ ଠିଆ ହୁଅନ୍ତି ମା' । ଯେଉଁଠି ଅନ୍ଧକାର ଅଛି, ସେଠି ଆଲୋକ ହୋଇ ପଥ ଦେଖାନ୍ତି ମା' । ଆଉ ଯେତେବେଳେ ଜୀବନରେ ବିପଦ ଆସେ, ସେତେବେଳେ ଆମ ମନରେ ଆତ୍ମବିଶ୍ୱାସ ଓ ନିର୍ଭୟତା ଜାଗ୍ରତ କରନ୍ତି ମା' ଦୁର୍ଗା । ମା'ଙ୍କ ଏହି ରୂପ କେବଳ ଏକ ଦେବୀଙ୍କ ସ୍ୱରୂପ ନୁହେଁ, ବରଂ ସାହସ, ଆତ୍ମବଳ ଓ ନିର୍ଭୟତାର ଏକ ଦିବ୍ୟ ପ୍ରତୀକ । ତେବେ କାହିଁକି ମା'ଙ୍କ ନାମ ହେଲା 'ଚନ୍ଦ୍ରଘଣ୍ଟା' ? ମା'ଙ୍କ ଏହି ସ୍ୱରୂପ କ'ଣ ଶିଖାଏ ? ନବରାତ୍ରୀର ତୃତୀୟ ଦିନରେ, ଭକ୍ତିର ସହ ଶୁଣିବା ମା' ଚନ୍ଦ୍ରଘଣ୍ଟାଙ୍କ ଦିବ୍ୟ କଥା...

ଦେବୀ ପାର୍ବତୀଙ୍କର ବିବାହିତ ରୂପ ହେଉଛି ଚନ୍ଦ୍ରଘଣ୍ଟା । ଶିବଙ୍କୁ ବିବାହ ପରେ ମହାଗୌରୀ ତାଙ୍କର ମସ୍ତକରେ ଧାରଣ କରିଛନ୍ତି ଅର୍ଦ୍ଧଚନ୍ଦ୍ରଙ୍କୁ । ତେଣୁ ସେ ଚନ୍ଦ୍ରଘଣ୍ଟା ନାମରେ ପୂଜିତ । ବାଘ ପିଠିରେ ବିରାଜମାନ ମାଙ୍କ ଏହି ସ୍ୱରୂପ ସତେକି ଯୁଦ୍ଧ ପାଇଁ ସର୍ବଦା ଉଦ୍ୟତ । ମସ୍ତକରେ ଘଣ୍ଟି ଆକୃତିର ଅର୍ଦ୍ଧଚନ୍ଦ୍ର, ମା'ଙ୍କ ଦଶଭୁଜାରେ ଅସ୍ତ୍ରଶସ୍ତ୍ର, ତିନୋଟି ନୟନ- ଜ୍ଞାନ, ଚେତନା ଓ ଶକ୍ତିର ପ୍ରତୀକ । ତେବେ ମା'ଙ୍କ ଦଶଭୁଜାରେ ଥିବା ପ୍ରତ୍ୟେକ ଅସ୍ତ୍ରର ଅର୍ଥ କ'ଣ ? ମା'ଙ୍କ ତୃତୀୟ ନୟନ ଆମକୁ ଜୀବନର କେଉଁ ବଡ଼ ସନ୍ଦେଶ ଦିଏ ? ଆସନ୍ତୁ ଜାଣିବା ମା' ଚନ୍ଦ୍ରଘଣ୍ଟାଙ୍କ ଏହି ଅଦ୍ଭୁତ ଓ ଶକ୍ତିଶାଳୀ ସ୍ୱରୂପର କଥା ।

କୁହାଯାଏ, ମା'ଙ୍କ ଏହି ରୂପରେ ରହିଛି ଶାନ୍ତି ଓ ଶକ୍ତିର ଅଦ୍ଭୁତ ସମନ୍ୱୟ । ମା'ଙ୍କ ମସ୍ତକରେ ଘଣ୍ଟି ଆକୃତିର ଅର୍ଦ୍ଧଚନ୍ଦ୍ର ଶୋଭା ପାଉଥିବାରୁ ତାଙ୍କ ନାମ ହୋଇଛି 'ଚନ୍ଦ୍ରଘଣ୍ଟା' । ଦଶଭୁଜା ମା'ଙ୍କ ହାତରେ ଶୋଭା ପାଏ ଅସ୍ତ୍ର-ଶସ୍ତ୍ର ସହ ପଦ୍ମ, ଘଣ୍ଟା, କମଣ୍ଡଳୁ ଓ ଜଳପାତ୍ର । ପ୍ରତ୍ୟେକ ପ୍ରତୀକ ଯେପରି ଗୋଟିଏ ଗୋଟି ସନ୍ଦେଶ ଦିଏ । ଭକ୍ତି ସହିତ ଶକ୍ତି, ଶାନ୍ତି ସହିତ ସାହସ ଏବଂ ଜ୍ଞାନ ସହିତ ଆତ୍ମବଳ । ବିଶ୍ୱାସ ରହିଛି, ମା ଚନ୍ଦ୍ରଘଣ୍ଟାଙ୍କ କୃପାରୁ ସାଧକଙ୍କୁ ଅଲୌକିକ ବସ୍ତୁର ଦର୍ଶନ ହୁଏ । ଦିବ୍ୟ ଅନୁଭବ ମିଳେ ଏବଂ ବିଭିନ୍ନ ପ୍ରକାରର ଧ୍ୱନି ଶୁଣାଯାଏ । ଦେବୀଙ୍କ ଆରାଧନା କଲେ ସାଧକଙ୍କ ମନରେ ନୀର୍ଭିକତା, ସୌମ୍ୟତା ଏବଂ ବିନମ୍ରତା ଆସେ । ତେଣୁ ରୀତିନୀତି ଅନୁଯାୟୀ ଆମର ମନ, ବାଣୀ, କର୍ମ ଏବଂ ଶରୀରକୁ ପବିତ୍ର କରିବା ଉଚିତ ଏବଂ ଚନ୍ଦ୍ରଘଣ୍ଟାଙ୍କ ନିକଟରେ ନିଜକୁ ସମର୍ପଣ କରି ପୂଜା କରିବା ଉଚିତ । ଦେବୀ ଆମକୁ ସମସ୍ତ ଦୁଃଖରୁ ମୁକ୍ତ କରିବେ ।

ମା' ଚନ୍ଦ୍ରଘଣ୍ଟା ହେଉଛନ୍ତି ସାହସ, ଆତ୍ମବଳ ଓ ନିର୍ଭୟତାର ପ୍ରତୀକ । ତାଙ୍କ ଆଶୀର୍ବାଦରେ ଭକ୍ତଙ୍କ ମନରୁ ଭୟ ଦୂର ହୁଏ ଏବଂ ଜୀବନର କଠିନ ପଥରେ ଆଗକୁ ବଢ଼ିବାର ଶକ୍ତି ମିଳେ। ମା'ଙ୍କ ଏହି ସ୍ୱରୂପ ଆମକୁ ଯେପରି ମନେ ପକାଇଦିଏ- ଜୀବନରେ କେବଳ ଜ୍ଞାନ ହାସଲ କରିବା ଯଥେଷ୍ଟ ନୁହେଁ, ଆବଶ୍ୟକ ସମୟରେ ସେହି ଜ୍ଞାନ ଓ ଶକ୍ତିକୁ ସାହସର ସହିତ ବ୍ୟବହାର କରିବା ମଧ୍ୟ ଦରକାର । ତେଣୁ ଆଜି ମା'ଙ୍କ ଚରଣରେ ମନ ରଖି ଆସନ୍ତୁ ପ୍ରାର୍ଥନା କରିବା- "ହେ ମା' ଚନ୍ଦ୍ରଘଣ୍ଟା, ଆମ ମନରୁ ଭୟ ଦୂର କର । ଆମକୁ ସତ୍ୟର ପଥରେ ଚାଲିବା ପାଇଁ ସାହସ, ଆତ୍ମବଳ ଓ ନିର୍ଭୟତା ପ୍ରଦାନ କର ।"

ଦେଶରେ ଶସ୍ତା ହେବ କ୍ୟାନସର ଚିକିତ୍ସା

ଶସ୍ତା ହେବ କ୍ୟାନସର ମେଡିସିନ । ସାଧାରଣ ଜନତାଙ୍କ ପାଇଁ କର୍କଟ ଚିକିତ୍ସାକୁ ସୁଲଭ କରିବା ପାଇଁ ଭାରତ ସରକାର ଏକ ବଡ଼ ଏବଂ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । Ministry of Chemicals and Fertilizers ଘୋଷଣା କରିଛି ଯେ, ସରକାର ଅଣ-ସୂଚୀବଦ୍ଧ କର୍କଟ ନିରୋଧୀ ଔଷଧର ବିକ୍ରୟ ଏବଂ ଯୋଗାଣ ଉପରେ ଲାଭ ପରିମାଣକୁ ସର୍ବାଧିକ ଖୁଚୁରା ମୂଲ୍ୟର ୩୦ ପ୍ରତିଶତରେ ସୀମିତ ରଖିବ । ଏହି ପ୍ରମୁଖ ସରକାରୀ ପଦକ୍ଷେପ କର୍କଟ ଔଷଧର ମୂଲ୍ୟକୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବ । ଏହା ଦ୍ୱାରା ସାରା ଦେଶରେ କର୍କଟ ରୋଗୀ ଏବଂ ସେମାନଙ୍କ ପରିବାରକୁ ବାର୍ଷିକ ପ୍ରାୟ ୨,୫୦୦ କୋଟି ଟଙ୍କା ସିଧାସଳଖ ସଞ୍ଚୟ ହେବ, ଯାହାଫଳରେ ସେମାନଙ୍କ ପକେଟ ଉପରେ ବୋଝ ହ୍ରାସ ପାଇବ। ସରକାରୀ ତଥ୍ୟ ଅନୁଯାୟୀ, ଭାରତରେ କର୍କଟ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପ୍ରତି ୧୦୦,୦୦୦ ଜନସଂଖ୍ୟାରେ ପ୍ରାୟ ୬୦ ଜଣ ଲୋକ ଏହି ଗମ୍ଭୀର ରୋଗରେ ଆକ୍ରାନ୍ତ । ନ୍ୟାସନାଲ୍ ଫାର୍ମାସ୍ୟୁଟିକାଲ୍ ପ୍ରାଇସିଂ ଅଥରିଟି ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ ପାଇଛି ଯେ, ଅତ୍ୟାବଶ୍ୟକୀୟ ଭାବରେ ତାଲିକାଭୁକ୍ତ ନଥିବା କର୍କଟ ଔଷଧ ହାରାହାରି ୧୭୦ ପ୍ରତିଶତ ଲାଭ ପାଉଥିଲା । କିଛି ଔଷଧ ପାଇଁ, ଏହି ଲାଭ ୭୦୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଥିଲା।

ସାଧାରଣ ମେଡିସିନ ଷ୍ଟୋର ଏବଂ ଅନଲାଇନ୍ ଫାର୍ମାସୀରେ ସମାନ ଔଷଧ ଭିନ୍ନ ଭିନ୍ନ ମୂଲ୍ୟରେ ବିକ୍ରି ହେଉଥିଲା । ମହାରାଷ୍ଟ୍ର, ରାଜସ୍ଥାନ ଏବଂ କର୍ଣ୍ଣାଟକ ଭଳି ରାଜ୍ୟର ଅଧିକାରୀ, ରୋଗୀ ଏବଂ ସାମାଜିକ ସଂଗଠନଗୁଡ଼ିକ ଏହି ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ ଏବଂ କମ୍ପାନୀଗୁଡ଼ିକର କ୍ରୟ ଦର ଏବଂ MRP ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ବିଷୟରେ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ।

ଗର୍ଭାବସ୍ଥା-ଋତୁସ୍ରାବ-ମେନୋପଜ୍ ବଢାଇପାରେ ସ୍ତନ କର୍କଟ ବିପଦ

ହାଇଦ୍ରାବାଦ

ମହିଳାଙ୍କ ଶରୀରରେ ହରମୋନ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ମାସିକ ଋତୁସ୍ରାବଠୁ ଆରମ୍ଭ କରି ଗର୍ଭାବସ୍ଥା ପର୍ଯ୍ୟନ୍ତ ହରମୋନର ସ୍ତର ପରିବର୍ତ୍ତନ ହୁଏ। କିନ୍ତୁ ଆପଣ କ'ଣ ଜାଣନ୍ତି କି ?ଏହି ପରିବର୍ତ୍ତନ ଗୁଡ଼ିକ ସ୍ତନ କର୍କଟ ରୋଗ ସହିତ ମଧ୍ୟ ଜଡିତ ହୋଇପାରେ ? ହରମୋନ ବିଶେଷକରି ଇଷ୍ଟ୍ରୋଜେନ ଏବଂ ପ୍ରୋଜେଷ୍ଟେରନ ସ୍ତନ କୋଷ ବୃଦ୍ଧିକୁ ପ୍ରଭାବିତ କରିଥାଏ ।

ଜୟପୁର ସ୍ଥିତ ନାରାୟଣ ହସ୍ପିଟାଲର ଅଙ୍କୋଲୋଜି ବିଭାଗର ବରିଷ୍ଠ ଡାକ୍ତର ରୋହିତ ସ୍ୱାମୀ କହିଛନ୍ତି,'କେବଳ ଇଷ୍ଟ୍ରୋଜେନ୍ କର୍କଟ ରୋଗ ସୃଷ୍ଟି କରେ ନାହିଁ । ଯଦି ଶରୀରରେ କର୍କଟ କୋଷ ଗୁଡ଼ିକ ପୂର୍ବରୁ ରହିଥାଏ, ତେବେ ଇଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରନ୍ ତାହାକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ । ଇଷ୍ଟ୍ରୋଜେନ୍ ହେଉଛି ମହିଳାମାନଙ୍କ ଶରୀରରେ ଉତ୍ପାଦିତ ଏକ ଅତ୍ୟାବଶ୍ୟକୀୟ ଏକ ହରମୋନ, ଯାହା ସ୍ତନ ବିକାଶ ଏବଂ ଋତୁଚକ୍ରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଇଷ୍ଟ୍ରୋଜେନ୍ ସାହାଯ୍ୟରେ କିଛି ପ୍ରକାରର ସ୍ତନ କର୍କଟ (ବିଶେଷକରି ହରମୋନ୍ ରିସେପ୍ଟର-ପଜିଟିଭ୍ କର୍କଟ) ବୃଦ୍ଧି ହୋଇପାରେ ।'

ଡାକ୍ତର ରୋହିତ ସ୍ୱାମୀ କହିଛନ୍ତି,'ଯେଉଁ ମହିଳାଙ୍କ ୧୨ ବର୍ଷ ବୟସ ପୂର୍ବରୁ ଋତୁସ୍ରାବ ଆରମ୍ଭ ହୋଇଥାଏ କିମ୍ବା ୫୫ ବର୍ଷ ବୟସ ପରେ ଋତୁସ୍ରାବ ହୋଇଥାଏ । ସେମାନଙ୍କ ସ୍ତନ କର୍କଟ ହେବାର ଆଶଙ୍କା ଟିକିଏ ଅଧିକ ହୋଇପାରେ । ଏହାର ଏକ କାରଣ ହେଉଛି ଶରୀରର ଏଷ୍ଟ୍ରୋଜେନ ଏବଂ ଅନ୍ୟାନ୍ୟ ପ୍ରଜନନ ହରମୋନ ସହିତ ଦୀର୍ଘ ସମୟ ଧରି ସମ୍ପର୍କ ରଖିବା । ତଥାପି ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ମହିଳା ସ୍ତନ କର୍କଟର ଶିକାର ହେବେ । ଏହା କେବଳ ଗୋଟିଏ ବିପଦ କାରଣ।'

ଡାକ୍ତର ରୋହିତ ସ୍ୱାମୀଙ୍କ ଅନୁସାରେ, କମ୍ ବୟସରେ ପ୍ରଥମ ଥର ପାଇଁ ପୂର୍ଣ୍ଣକାଳୀନ ଗର୍ଭଧାରଣ ଏବଂ ଅଧିକ ସମୟ ପାଇଁ ସ୍ତନ୍ୟପାନ କରାଇବା ଭବିଷ୍ୟତରେ ସ୍ତନ କର୍କଟ ରୋଗ ଆଶଙ୍କାକୁ ହ୍ରାସ କରେ । ବିପରୀତ ଭାବରେ, ଅଧିକ ବୟସରେ ପ୍ରଥମ ଥର ପାଇଁ ପୂର୍ଣ୍ଣକାଳୀନ ଗର୍ଭଧାରଣ କରିବା କିଛି ମହିଳାଙ୍କ ଠାରେ ସ୍ତନ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ। ଗର୍ଭାବସ୍ଥା ପରେ କିଛି ସମୟ ପାଇଁ ସ୍ତନ କର୍କଟ ରୋଗର ଆଶଙ୍କା ମଧ୍ୟ ଅସ୍ଥାୟୀ ଭାବରେ ବୃଦ୍ଧି ପାଇପାରେ। ଋତୁସ୍ରାବ ପରେ, ଡିମ୍ବାଶୟରେ ଇଷ୍ଟ୍ରୋଜେନ୍ ଉତ୍ପାଦନ ଯଥେଷ୍ଟ ହ୍ରାସ ପାଏ । ତଥାପି, ଶରୀରର ଚର୍ବି ଟିସୁ ଇଷ୍ଟ୍ରୋଜେନ୍ ଉତ୍ପାଦନ କରିଚାଲିଥାଏ। ଏହି କାରଣରୁ ଋତୁସ୍ରାବ ପରେ ଓଜନ ବୃଦ୍ଧି କିମ୍ବା ମେଦବହୁଳତା ସ୍ତନ କର୍କଟ ରୋଗର ଆଶଙ୍କାକୁ ବୃଦ୍ଧି କରେ । ଏହା ବ୍ୟତୀତ, ଋତୁସ୍ରାବ ଲକ୍ଷଣ ପାଇଁ ଇଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟିନ୍ ହରମୋନ୍ ଚିକିତ୍ସାର ଦୀର୍ଘକାଳୀନ ଔଷଧ ବ୍ୟବହାର ମଧ୍ୟ ଏହି ବିପଦକୁ ବଢ଼ାଇପାରେ । ତେଣୁ ଏପରି ଔଷଧ ସର୍ବଦା ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନେବା ଉଚିତ୍ ବୋଲି ଡାକ୍ତର ରୋହିତ ସ୍ୱାମୀ କହିଛନ୍ତି । ହରମୋନ୍ ସ୍ତନ କର୍କଟ ରୋଗ ପାଇଁ ଅନେକ ବିପଦପୂର୍ଣ୍ଣ କାରଣ ମଧ୍ୟରୁ ଗୋଟିଏ । ପାରିବାରିକ ଇତିହାସ, ବୟସ ବୃଦ୍ଧି, ଜେନେଟିକ୍ ପରିବର୍ତ୍ତନ ଏବଂ ଜୀବନଶୈଳୀରେ ପରିବର୍ତ୍ତନ ମଧ୍ୟ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ନିୟମିତ ଶାରୀରିକ କାର୍ଯ୍ୟକଳାପ, ସନ୍ତୁଳିତ ଖାଦ୍ୟ ଏବଂ ସୁସ୍ଥ ଓଜନ ବଜାୟ ରଖିବା ଅତ୍ୟନ୍ତ ଜରୁରୀ । ଏହାସହ ସ୍ତନରେ ଯେକୌଣସି ଅସ୍ୱାଭାବିକ ପରିବର୍ତ୍ତନକୁ ଅଣଦେଖା କରାଯିବା ଉଚିତ୍ ନୁହେଁ ।

ତାମିଲନାଡୁରେ ମିଳିଲା ୩୨୦୦ ବର୍ଷ ପୁରୁଣା ପାତ୍ର

ତାମିଲନାଡୁର ସଲେମ୍ ନିକଟସ୍ଥ ଥେଲୁଙ୍ଗନୁରଠାରେ ପ୍ରତ୍ନତାତ୍ତ୍ୱିକ ଖନନରୁ କଳା ଓ ଲାଲ୍ ରଙ୍ଗର ଏକ ପାତ୍ର ମିଳିଛି, ଯେଉଁଥିରେ ୫ଟି ଗ୍ରାଫିଟି ପ୍ରତୀକ ରହିଛି । ଏହି ପ୍ରତୀକ ଦକ୍ଷିଣ ଭାରତର ପ୍ରାରମ୍ଭିକ ଲିଖନ ପଦ୍ଧତି ବିଷୟରେ ନୂଆ ସଙ୍କେତ ପ୍ରଦାନ କରିଛି । ମେଟୁର ଡ୍ୟାମ୍ର ଜଳମଗ୍ନ ଅଞ୍ଚଳରେ ଏହି ପାତ୍ର ଚିହ୍ନଟ ହୋଇଛି। ଏଥିସହ ଲୁହା ଅସ୍ତ୍ର, ତମ୍ବା ବସ୍ତୁ ଓ ଏକ ଷ୍ଟିଲ ଖଣ୍ଡା ମିଳିଛି । ପାତ୍ରରେ ଖୋଦେଇ ପ୍ରତୀକ ଯୋଗାଯୋଗର ଏକ ପ୍ରାରମ୍ଭିକ ଶୈଳୀକୁ ଦର୍ଶାଇପାରେ ଯାହା ୩,୨୦୦ରୁ ଅଧିକ ବର୍ଷ ପୂର୍ବେ ପ୍ରଚଳିତ ଥିଲା ବୋଲି ପ୍ରତ୍ନତତ୍ତ୍ୱବିତଙ୍କ ବିଶ୍ୱାସ । ଏହି ଆବିଷ୍କାର ତାମିଲ-ବ୍ରାହ୍ମୀ ଲିପିର ମୂଳ ବିଷୟରେ ବୁଝିବାରେ ଗବେଷକଙ୍କୁ ସାହାଯ୍ୟ କରିବ ବୋଲି ମଧ୍ୟ ସେମାନେ ଆଶାବାଦୀ । ପାତ୍ରରେ ଥିବା ୫ ପ୍ରତୀକ ବାମରୁ ଦକ୍ଷିଣକୁ କ୍ରମରେ ରହିଛି, ଯାହା ଅଦ୍ୟାବଧି ତାମିଲନାଡୁରେ ରେକର୍ଡ ହୋଇଥିବା ଏ ପ୍ରକାର ପ୍ରତୀକର ସବୁଠୁ ଲମ୍ବା କ୍ରମିକ । ସେହି ସ୍ଥାନରୁ ଆବିଷ୍କୃତ ଆଉ ଏକ ପାତ୍ରରେ ସମାନ ୫ ପ୍ରତୀକ ଅପରପକ୍ଷରୁ ଆରମ୍ଭ ହୋଇଛି । ଏହା କ୍ରମାନ୍ୱୟରେ ସାଜସଜ୍ଜା ବଦଳରେ ପ୍ରାରମ୍ଭିକ ଲିଖନ ପଦ୍ଧତିକୁ ଦର୍ଶାଉଛି କି ନାହିଁ ଗବେଷକମାନେ ପରୀକ୍ଷା କରୁଛନ୍ତି । ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀରେ ତାମିଲ-ବ୍ରାହ୍ମୀ ଲିପିର ଅଭ୍ୟୁଦୟ ପୂର୍ବରୁ ଏହି ଲିପିର ବିକାଶର ବର୍ଣ୍ଣନାରେ ଆବିଷ୍କାର ସହାୟକ ହେବ । ସଲେମ୍ ନିକଟସ୍ଥ ଦୁଇଟି ଲୌହ ଯୁଗୀୟ ପ୍ରତ୍ନତାତ୍ତ୍ୱିକ ସ୍ଥଳୀ ଥେଲୁଙ୍ଗନୁର ଓ ମାଙ୍ଗାଡୁ ଖ୍ରୀଷ୍ଟପୂର୍ବ ୧,୬୦୦ରୁ ୧,୨୦୦ ସମୟର । ଏହି ଅବଧି ଖ୍ରୀଷ୍ଟପୂର୍ବ ୩,୩୦୦ରୁ ୧,୩୦୦ ମଧ୍ୟରେ ବିଦ୍ୟମାନ ସିନ୍ଧୁ ସଭ୍ୟତାର ଅନ୍ତିମ ପର୍ଯ୍ୟାୟ ସହିତ ମିଶିଯାଏ । ଏହି ସ୍ଥଳୀ ଓ ପ୍ରତୀକଗୁଡ଼ିକରେ ଚିହ୍ନଟ ଗ୍ରାଫିଟି ପ୍ରତୀକ ମଧ୍ୟରେ ସାମଞ୍ଜସ୍ୟ ସିନ୍ଧୁ ସଭ୍ୟତା ସହ ସଂଶ୍ଳିଷ୍ଟ, ଯାହା ଦୁଇ ପରମ୍ପରା ମଧ୍ୟରେ ସମ୍ଭାବ୍ୟ ସମ୍ପର୍କକୁ ନେଇ ଗବେଷକଙ୍କ ଧ୍ୟାନ ଆକର୍ଷଣ କରିଛି । ତାମିଲନାଡୁ ପ୍ରତ୍ନତତ୍ତ୍ୱ ବିଭାଗର ଉପଦେଷ୍ଟା ତଥା ରାଜ୍ୟରେ ଆବିଷ୍କୃତ ସିନ୍ଧୁ ସଙ୍କେତ ଓ ଗ୍ରାଫିଟି ପ୍ରତୀକର ମର୍ଫୋଲୋଜିକାଲ ଅଧ୍ୟୟନର ସହ ଲେଖକ କେ ରାଜନ କହିଛନ୍ତି, ଏହି ଆବିଷ୍କାର ତୁଳନା ନିମନ୍ତେ ନୂଆ ତଥ୍ୟ ପ୍ରଦାନ କରିଛି । ୧୯୬୦ରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେକ୍ଷଣ ଚେନଗଲପେଟ ନିକଟସ୍ଥ ସନୁରଠାରେ ବିଭିନ୍ନ କ୍ରମରେ ଥିବା ୩ ଗ୍ରାଫିଟି ସଙ୍କେତ ଚିହ୍ନଟ କରିଥିଲା। ଏବେ ଭିନ୍ନ ଭିନ୍ନ କ୍ରମରେ ଥିବା ୫ ପ୍ରତୀକ ଆମେ ପାଇଛୁ, ଯାହାର ଅର୍ଥ ବୁଝିବାକୁ ପଡ଼ିବ ବୋଲି ରାଜନ କହିଛନ୍ତି । ପ୍ରତ୍ନତତ୍ତ୍ୱବିତ୍ମାନେ ତାମିଲନାଡୁରେ ଗ୍ରାଫିଟି ଚିହ୍ନଯୁକ୍ତ ପ୍ରାୟ ୧୬,୦୦୦ ପାତ୍ରର ଭଗ୍ନାଂଶ ଆବିଷ୍କାର କରିଛନ୍ତି । ସଦ୍ୟ ମର୍ଫୋଲୋଜିକାଲ ଅଧ୍ୟୟନରୁ ଜଣାପଡ଼ିଛି, ତାମିଲନାଡୁର ବିଭିନ୍ନ ସ୍ଥାନରୁ ମିଳିଥିବା ପ୍ରତୀକରେ ସିନ୍ଧୁ ସଭ୍ୟତା ସ୍ଥଳୀରେ ଆବିଷ୍କୃତ ପ୍ରତୀକ ସହ ୯୦% ସମାନତା ରହିଛି । ପ୍ରତୀକଗୁଡ଼ିକ ସହଭାଗୀ ପରମ୍ପରା କିମ୍ବା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଂଯୋଗକୁ ସୂଚାଉଛି କି ନାହିଁ, ଜାଣିବାକୁ ଗବେଷକମାନେ ଏହି ସମାନତାଗୁଡ଼ିକୁ ଅଧ୍ୟୟନ କରୁଛନ୍ତି ।

ଶିଶୁକୁ କ୍ଷୀର ପିଆଇବାର ତୁରନ୍ତ ପରେ ଗାଧୋଇବା ଉଚିତ କି ?

ଶିଶୁର ଯତ୍ନ ନେବା ସମୟରେ ମାତାପିତାଙ୍କୁ ଅନେକ ଛୋଟବଡ଼ କଥା ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ବିଶେଷକରି ନବଜାତ ଓ ଛୋଟ ଶିଶୁଙ୍କୁ କ୍ଷୀର ପିଆଇବା, ଗାଧୋଇବା ଏବଂ ସେମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକଙ୍କ ମନରେ ଅନେକ ପ୍ରଶ୍ନ ଉଠିଥାଏ। ସେଥିମଧ୍ୟରୁ ଗୋଟିଏ ହେଉଛି, ଶିଶୁକୁ କ୍ଷୀର ପିଆଇବାର ତୁରନ୍ତ ପରେ ଗାଧୋଇବା ଠିକ୍ କି ? ନା ଏଥିପାଇଁ କିଛି ସମୟ ଅପେକ୍ଷା କରିବା ଆବଶ୍ୟକ ?

ଶିଶୁରୋଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଶିଶୁକୁ କ୍ଷୀର ପିଆଇବା କିମ୍ବା ଖାଦ୍ୟ ଖୁଆଇବାର ତୁରନ୍ତ ପରେ ଗାଧୋଇବା ପରିବର୍ତ୍ତେ କିଛି ସମୟ ଅପେକ୍ଷା କରିବା ଭଲ। ଶିଶୁର ଆରାମ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଗାଧୋଇବାର ଠିକ୍ ସମୟ ବାଛିବା ଜରୁରୀ। କ୍ଷୀର ପିଇବା ପରେ ଶିଶୁକୁ ତୁରନ୍ତ ଗାଧୋଇବା ପରିବର୍ତ୍ତେ କିଛି ସମୟ ବିଶ୍ରାମ ଦେବା ଉଚିତ। ଏହି ସମୟରେ ଶିଶୁକୁ ହେକୁଟି ମାରିବାରେ ସାହାଯ୍ୟ କରିବା ସହ ତାକୁ ଆରାମରେ ରଖିବା ଆବଶ୍ୟକ। କ୍ଷୀର ପିଇବା ପରେ ତୁରନ୍ତ ଗାଧୋଇବା ଦ୍ୱାରା କେତେକ ଶିଶୁ ଅସ୍ୱସ୍ତି ଅନୁଭବ କରିପାରନ୍ତି । ତେବେ ଗାଧୋଇବା ଦ୍ୱାରା ହିଁ ଗ୍ୟାସ୍, ପେଟ ଖରାପ କିମ୍ବା ବାନ୍ତି ହୋଇଥାଏ ବୋଲି କହିବା ଠିକ୍ ନୁହେଁ। ଶିଶୁର ଏଭଳି ସମସ୍ୟା ପଛରେ ଅନ୍ୟ କାରଣ ମଧ୍ୟ ଥାଇପାରେ।

ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, ଶିଶୁକୁ କ୍ଷୀର ପିଆଇବା କିମ୍ବା ଖାଦ୍ୟ ଖୁଆଇବା ପରେ ଅତି କମ୍ ରେ ୩୦ରୁ ୪୫ ମିନିଟ୍ ଅପେକ୍ଷା କରିବା ଉଚିତ। ଏହି ସମୟ ମଧ୍ୟରେ ଶିଶୁକୁ ବିଶ୍ରାମ ଦିଅନ୍ତୁ । ଏହାପରେ ଶିଶୁର ଅବସ୍ଥା ଓ ଆରାମକୁ ଦେଖି ଗାଧୋଇବାର ବ୍ୟବସ୍ଥା କରନ୍ତୁ। ଯଦି ଶିଶୁ କ୍ଷୀର ପିଇବା ପରେ ବାରମ୍ବାର ବାନ୍ତି କରୁଛି କିମ୍ବା ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଉଛି, ତେବେ ନିଜ ଇଚ୍ଛାରେ ଚିକିତ୍ସା ନକରି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ପାଣିର ତାପମାତ୍ରା ଯାଞ୍ଚ କରନ୍ତୁ: ଶିଶୁକୁ ଗାଧୋଇବା ପାଇଁ ଅତ୍ୟଧିକ ଗରମ କିମ୍ବା ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ। ପାଣି ହାଲୁକା ଉଷୁମ ରଖନ୍ତୁ।

କୋଠରିକୁ ଆରାମଦାୟକ ରଖନ୍ତୁ: ଶିଶୁକୁ ଥଣ୍ଡା ନ ଲାଗିବା ପାଇଁ କୋଠରିର ତାପମାତ୍ରା ଉପଯୁକ୍ତ ରଖନ୍ତୁ। ଗାଧୋଇବା ପରେ ତୁରନ୍ତ ନରମ ତଉଲିଆରେ ଶରୀର ପୋଛି ଶୁଖିଲା ପୋଷାକ ପିନ୍ଧାନ୍ତୁ। ଶିଶୁକୁ ଏକୁଟିଆ ଛାଡ଼ନ୍ତୁ ନାହିଁ: ଗାଧୋଇବା ସମୟରେ ଶିଶୁକୁ କେବେ ବି ପାଣି ଭିତରେ କିମ୍ବା ବାଥ୍ ଟବ୍ ରେ ଏକୁଟିଆ ଛାଡ଼ନ୍ତୁ ନାହିଁ। ଅଳ୍ପ ପାଣିରେ ମଧ୍ୟ ଶିଶୁ ପାଇଁ ବିପଦ ହୋଇପାରେ।

ଶିଶୁକୁ ସୁରକ୍ଷିତ ଭାବେ ଧରନ୍ତୁ: ଗାଧୋଇବା ସମୟରେ ଶିଶୁର ମୁଣ୍ଡ ଓ ବେକକୁ ଠିକ୍ ଭାବେ ଧରିରଖନ୍ତୁ । ଶିଶୁ ଯେପରି ହାତରୁ ଖସି ନଯାଏ, ସେଥିପ୍ରତି ଧ୍ୟାନ ଦିଅନ୍ତୁ।

ଚିକିତ୍ସା ଖର୍ଚ୍ଚର ତାଲିକା ପ୍ରଦର୍ଶନ ପାଇଁ ହସ୍ପିଟାଲଗୁଡ଼ିକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ

32 YEARS
ସମୟ କଳିଙ୍ଗ
ଭୁବନେଶ୍ୱର, ୧୪ ଅକ୍ଟୋବର, ବୁଧବାର, ୨୦୨୬
ପୃଷ୍ଠା – ୬

ଆଇସିସି ମାସିକ ଆୱାର୍ଡରେ ଟିମ୍ ଇଣ୍ଡିଆର ଦବ୍‌ଦବା

ଗିଲ୍ ଓ ଶେଫାଳି ହେଲେ ମାସର ଶ୍ରେଷ୍ଠ ଆଇସିସି ଖେଳାଳି

ନୂଆଦିଲ୍ଲୀ

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମଙ୍ଗଳବାର ଦିନ ସେପ୍ଟେମ୍ବର ମାସର ଶ୍ରେଷ୍ଠ ଖେଳାଳିମାନଙ୍କ ନାମ ଘୋଷଣା କରିଛି। ଏଥିରେ ଦୁଇଜଣ ଭାରତୀୟ ଖେଳାଳି ମଧ୍ୟ ସାମିଲ ଅଛନ୍ତି। ଭାରତୀୟ ଟେଷ୍ଟ ଏବଂ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ସର୍ବଶ୍ରେଷ୍ଠ ପୁରୁଷ କ୍ରିକେଟର ଭାବେ ଚୟନ କରାଯାଇଛି। ମହିଳା ବର୍ଗରେ ଷ୍ଟାର୍ ଓପନର୍ ଶେଫାଳୀ ବର୍ମା ବାଜି ମାରିଛନ୍ତି। ସେ ଶ୍ରୀଲଙ୍କାର ଅଧିନାୟିକା ଚାମରି ଆଟାପାଟୁ ଏବଂ ଭାରତର ସ୍ପିନର୍ ଶ୍ରୀ ଚରଣୀଙ୍କୁ ଏହି ଦୌଡ଼ରେ ପଛରେ ପକାଇ ଦେଇଛନ୍ତି।

୨୭ ବର୍ଷୀୟ ଗିଲ୍ ଭାରତର ଅଭିଷେକ ଶର୍ମା ଏବଂ ଜିମ୍ବାୱେର ସିକନ୍ଦର ରଜାଙ୍କୁ ପଛରେ ପକାଇ ସେପ୍ଟେମ୍ବର ମାସର 'ଆଇସିସି ମେନ୍ସ ପ୍ଲେୟାର ଅଫ୍ ଦି ମନ୍ଥ' ଆୱାର୍ଡ ଜିତିଛନ୍ତି। ଗିଲ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ୩୩୪ ରନ୍ ସଂଗ୍ରହ କରିଥିଲେ। ସେ ପ୍ରଥମ ମ୍ୟାଚ୍‌ରେ ଶତକ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଏକ ଅପରାଜିତ ଦ୍ୱିଶତକ ହାସଲ କରିଥିଲେ। ଗିଲ୍ ମାତ୍ର ୧୧୭ ବଲ୍‌ରେ ନିଜର ଦ୍ୱିଶତକ ପୂରଣ କରିଥିଲେ। ଏହା ଦିନିକିଆ ଇତିହାସର ସବୁଠାରୁ ଦ୍ରୁତତମ ଦ୍ୱିଶତକ ଅଟେ। ଭାରତ ଏହି ସିରିଜ୍‌କୁ ୨-୧ରେ ନିଜ ନାମରେ କରିଥିଲା।

୨୭ ବର୍ଷୀୟ ଗିଲ୍ ପଞ୍ଚମ ଥର ପାଇଁ ଆଇସିସି ପ୍ଲେୟାର ଅଫ୍ ଦି ମନ୍ଥ ଆୱାର୍ଡ ଜିତିଛନ୍ତି। ବର୍ତ୍ତମାନ ଗିଲ୍ ଆଉ ଏକ ଇତିହାସ ରଚିବା ପଥରେ ଅଛନ୍ତି। ସବୁଠାରୁ ଅଧିକ ଥର ପ୍ଲେୟାର ଅଫ୍ ଦି ମନ୍ଥ ଆୱାର୍ଡ ଜିତିବାର ରେକର୍ଡ ନିଜ ନାମରେ କରିବା ପାଇଁ ଗିଲ୍‌ଙ୍କୁ ମାତ୍ର ଆଉ ଗୋଟିଏ ପୁରସ୍କାରର ଆବଶ୍ୟକତା ଅଛି। ସେ ୱେଷ୍ଟଇଣ୍ଡିଜ୍ ମହିଳା କ୍ରିକେଟ ଦଳର ଅଧିନାୟିକା ହେଲି ମାଥ୍ୟୁଜ୍‌ଙ୍କ ସମକକ୍ଷ ହୋଇଛନ୍ତି, ଯିଏକି ପାଞ୍ଚ ଥର ଏହି ଆୱାର୍ଡ ଜିତି ସାରିଛନ୍ତି।

ଶୁବମନ ଗିଲ୍ ସେପ୍ଟେମ୍ବର ୨୦୨୬ ପୂର୍ବରୁ ଜୁଲାଇ ୨୦୨୫, ଫେବୃୟାରୀ ୨୦୨୫, ସେପ୍ଟେମ୍ବର ୨୦୨୩ ଓ ଜାନୁଆରୀ ୨୦୨୩ରେ

ପ୍ଲେୟାର ଅଫ୍ ଦି ମନ୍ଥ ହୋଇଥିଲେ। ଭାରତ ତରଫରୁ ଶେଷ ପୁରୁଷ ଆୱାର୍ଡ ବିଜେତା ସଞ୍ଜୁ ସାମସନ ଥିଲେ। ସାମସନ ମାର୍ଚ୍ଚ ୨୦୨୬ରେ ପ୍ଲେୟାର ଅଫ୍ ଦି ମନ୍ଥ ମନୋନୀତ ହୋଇଥିଲେ। ଏପର୍ଯ୍ୟନ୍ତ ଭାରତର ୧୧ ଜଣ ପୁରୁଷ ଖେଳାଳି ୧୭ ଥର ଏହି ଆୱାର୍ଡ ଜିତିଛନ୍ତି।

ଆୱାର୍ଡ ଜିତିବା ପରେ ଗିଲ୍ କହିଛନ୍ତି, 'ନିଜର ପଞ୍ଚମ ଆଇସିସି ପ୍ଲେୟାର ଅଫ୍ ଦି ମନ୍ଥ ଆୱାର୍ଡ ଜିତି ବହୁତ ଭଲ ଲାଗୁଛି ଏବଂ ମୁଁ ଏହି ସମ୍ମାନ ପାଇଁ ପ୍ୟାନେଲ୍ ନିକଟରେ କୃତଜ୍ଞ। ଏତେ ରନ୍ ସଂଗ୍ରହ କରି ଭଲ ଲାଗିଲା ଏବଂ ନିଜ ଘରୋଇ ପ୍ରଶଂସକଙ୍କ ସମ୍ମୁଖରେ ଏକ ସଫଳ ରନ୍ ଚେଜ୍‌ର ଅଂଶ ହେବା ଆହୁରି ସ୍ୱତନ୍ତ୍ର ଥିଲା, ଯାହାଙ୍କ ସମର୍ଥନ ଆମକୁ ସଦାସର୍ବଦା ଅତିରିକ୍ତ ଶକ୍ତି ଦେଇଥାଏ।'

ଅନ୍ୟପଟେ, ୨୨ ବର୍ଷୀୟା ଶେଫାଳୀ ବର୍ମା ଦ୍ୱିତୀୟ ଥର ପାଇଁ ଆଇସିସି ପ୍ଲେୟାର ଅଫ୍ ଦି ମନ୍ଥ ଆୱାର୍ଡ ହାସଲ କରିଛନ୍ତି। ସେ ପ୍ରଥମ ଥର ପାଇଁ ଗତ ବର୍ଷ ନଭେମ୍ବର ମାସରେ ଏହି ଆୱାର୍ଡ ଜିତିଥିଲେ। ସେତେବେଳେ ଶେଫାଳୀ ଭାରତକୁ ଘରୋଇ ମାଟିରେ ଆଇସିସି ମହିଳା କ୍ରିକେଟ୍ ବିଶ୍ୱକପ୍ ଜିତାଇବାରେ ସାହାଯ୍ୟ କରିଥିଲେ।

ଆୱାର୍ଡ ଜିତିବା ପରେ ଶେଫାଳୀ କହିଛନ୍ତି, 'ଆଇସିସି ପ୍ଲେୟାର ଅଫ୍ ଦି ମନ୍ଥ ଆୱାର୍ଡ ପୁଣିଥରେ ଜିତିବା ଏକ ବଡ଼ ସମ୍ମାନର ବିଷୟ। ଏସିଆ କପ୍ ଏବଂ ଏସିଆନ୍ ଗେମ୍ସରେ ଆମର ବିଜୟରେ ନିଜର ଭୂମିକା ଗ୍ରହଣ କରିବା ବହୁତ ସନ୍ତୋଷଜନକ ଥିଲା ଏବଂ ଏହି ଆୱାର୍ଡ ଜିତିବା ସେହି ବିଜୟଗୁଡ଼ିକୁ ଆହୁରି ସ୍ୱତନ୍ତ୍ର କରିଦେଇଛି।'

ଶେଫାଳୀ ଗତ ମାସରେ ସାତଟି ଟି୨୦ ମ୍ୟାଚ୍‌ରେ ୩୬୦ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ତାଙ୍କର ହାରାହାରି ୭୨ ଏବଂ ଷ୍ଟ୍ରାଇକ୍ ରେଟ୍ ୧୮୪.୬୧ ଥିଲା। ତାହାଣ ହାତୀ ଅଫ୍-ସ୍ପିନ୍ ବୋଲିଂ କରୁଥିବା ଶେଫାଳୀ ୪.୩୩ର ଇକୋନୋମି ରେଟ୍‌ରେ ଛଅଟି ୱିକେଟ୍ ମଧ୍ୟ ନେବାରେ ସଫଳ ହୋଇଥିଲେ।

ଶେଫାଳୀ ବର୍ମା ୟୁଏଇରେ ଅନୁଷ୍ଠିତ ଏସିଆ କପ୍‌ର ପାଞ୍ଚଟି ପାଳିରେ ୨୩୬ ରନ୍ କରିଥିଲେ, ଯାହାକି ଟୁର୍ଣ୍ଣାମେଣ୍ଟର ସର୍ବାଧିକ ରନ୍ ଥିଲା। ସେ ବାଂଲାଦେଶ ବିପକ୍ଷ ସେମିଫାଇନାଲ୍‌ରେ ୬୪ ଏବଂ ଶ୍ରୀଲଙ୍କା ବିପକ୍ଷ ଫାଇନାଲ୍‌ରେ ୬୮ ରନ୍‌ର ପାଳି ଖେଳିଥିଲେ, ଯାହାଦ୍ୱାରା ଭାରତ ରେକର୍ଡ ଅଷ୍ଟମ ମହିଳା ଏସିଆ କପ୍ ଜିତିଥିଲା।

ଏହା ସମେତ ଶେଫାଳୀ ଜାପାନରେ ଅନୁଷ୍ଠିତ ଏସିଆନ୍ ଗେମ୍ସ ୨୦୨୬ରେ ମଧ୍ୟ ନିଜର ଭଲ ଫର୍ମ ବଜାୟ ରଖିଥିଲେ, ଯେଉଁଠାରେ ସେ ତିନିଟି ପାଳିରେ ୧୮୮ ରନ୍ ବଟୋରିଥିଲେ। ସେ ଜାପାନ ବିପକ୍ଷରେ ଅପରାଜିତ ୪୦ ରନ୍ କରିବା ବ୍ୟତୀତ ବାଂଲାଦେଶ ବିପକ୍ଷ ସେମିଫାଇନାଲ୍‌ରେ ୪୯ଟି ବଲ୍‌ରୁ ୧୦୦ ରନ୍ ସଂଗ୍ରହ କରିଥିଲେ। ଏହା ଟି୨୦ରେ ତାଙ୍କର ପ୍ରଥମ ଶତକ ଥିଲା। ସେ ଫାଇନାଲ୍‌ରେ ଶ୍ରୀଲଙ୍କା ସମ୍ମୁଖରେ ୪୮ ରନ୍‌ର ଯୋଗଦାନ ଦେଇଥିଲେ। ଶେଫାଳୀ ବର୍ମା ଏସିଆନ୍ ଗେମ୍ସରେ ଚାରିଟି ୱିକେଟ୍ ମଧ୍ୟ ନେଇଥିଲେ।

୩୬ ବର୍ଷ ବୟସରେ ଆଖି ବୁଜିଲେ ଆଇସିସି ଅମ୍ପାୟାର

ହରାରେ

ଜିମ୍ବାୱେର ପୂର୍ବତନ ବୋଲର ଏବଂ ଅନ୍ତର୍ଜାତୀୟ ଆମ୍ପାୟର ସାରା ଡମ୍ବାନେୱାନଙ୍କ ପରଲୋକ ହୋଇଯାଇଛି। ସେ ମାତ୍ର ୩୬ ବର୍ଷ ବୟସର ଥିଲେ। ଜିମ୍ବାୱେ କ୍ରିକେଟ ତାଙ୍କର ପରଲୋକ ନେଇ ସ୍ପଷ୍ଟ କରିଛି। ମାର୍ଚ୍ଚ ମାସରେ ହୋଇଥିବା ଏକ ମେଡିକାଲ ସର୍ଜରୀ ପରେ ସେ ଗତ କିଛି ମାସ ହେବ ଡାକ୍ତରଖାନାରେ ଭର୍ତ୍ତି ଥିଲେ, ଯେଉଁଠାରେ ସେ ଅନ୍ତିମ ନିଶ୍ୱାସ ନେଇଛନ୍ତି। ୨୦୦୯ରୁ ୨୦୧୪ ମଧ୍ୟରେ ଜିମ୍ବାୱେ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଥିବା ଡମ୍ବାନେୱାନା ପରେ ଅମ୍ପାୟାରିଂରେ ପାଦ ଥାପିଥିଲେ ଏବଂ ବିଶ୍ୱମଞ୍ଚରେ ଅନେକ ଐତିହାସିକ ରେକର୍ଡ ନିଜ ନାମରେ ଦାଖଲ କରିଥିଲେ।

ଏହା ପରେ ତାଙ୍କର ନାମ ଅନେକ ଐତିହାସିକ ଉପଲବ୍ଧି ହାସଲ ହୋଇଥିଲା। ୨୦୨୪ ମହିଳା ଟି-୨୦ ବିଶ୍ୱକପ୍‌ରେ ଅମ୍ପାୟାରିଂ କରିଥିବା ସେ ହେଉଛନ୍ତି ଜିମ୍ବାୱେରୁ ପ୍ରଥମ। ସେ ମୋଟ ୬୩ଟି ବରିଷ୍ଠ ଅନ୍ତର୍ଜାତୀୟ ମୁକାବିଲାରେ ଅମ୍ପାୟାରିଂ କରିଛନ୍ତି, ଯେଉଁଥିରେ ୪୨ଟି ମହିଳା ଟି-୨୦, ୧୧ ମହିଳା ଦିନିକିଆ ଏବଂ ୧୦ ପୁରୁଷ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍। ଏତଦ୍ ବ୍ୟତୀତ ସେ ୨୦୨୨ରେ ଆଇସିସିର ଡେଭଲପମେଣ୍ଟ ପ୍ୟାନେଲ ଅଫ୍ ଅମ୍ପାୟାର୍ସ ସହିତ ଜଡ଼ିତ ଥିଲେ। ଅମ୍ପାୟାର ହେବା ପୂର୍ବରୁ ସେ ଜଣେ ଖେଳାଳି ଭାବେ ମଧ୍ୟ ଦେଶରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ୨୦୧୧ର ବିଶ୍ୱକପ କ୍ୱାଲିଫାୟରରେ ଜିମ୍ବାୱେ ଦଳର ସଦସ୍ୟ ଥିଲେ।

ଜିମ୍ବାୱେ କ୍ରିକେଟର ଅଧ୍ୟକ୍ଷ ତଓ୍ୱେଙ୍ଗୱା ମୁକୁହଲାନୀ ଜଣେ ଖେଳାଳି ଏବଂ ଅମ୍ପାୟାର ଭାବେ ଡମ୍ବାନେୱାନାଙ୍କ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ସାରା ପ୍ରଥମେ ଜଣେ ଖେଳାଳି ଏବଂ ପରେ ଅମ୍ପାୟାର ଭାବେ ଜିମ୍ବାୱେ ପାଇଁ ସେବା କରିଛନ୍ତି। ତାଙ୍କୁ ବିଶ୍ୱକପର ଫାଇନାଲରେ ଛିଡ଼ା ହୋଇଥିବା ଦେଖିବା ଆମର କ୍ରିକେଟ ଗୋଷ୍ଠ ଏବଂ ପୂରା ଦେଶ ପାଇଁ ଗର୍ବର ମୁହୂର୍ତ୍ତ ଥିଲା।

ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ : ଗୁରୁଜଙ୍ଗ ଡେୟାରବ୍ଲୁ ଓ ଯଦୁପୁର ବ୍ଲାଷ୍ଟର୍ସ ବିଜୟୀ

ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍‌ର ମଙ୍ଗଳବାର ଷଷ୍ଠ ଦିବସର ପ୍ରଥମ ମ୍ୟାଚ୍‌ରେ ଗୁରୁଜଙ୍ଗ ଦଳ ଇଲେଭେନ୍ ଷ୍ଟାର ଯାଆଁଳାକୁ ଭେଟିଥିଲା। ଟସ୍ ଜିତି ଗୁରୁଜଙ୍ଗ ପ୍ରଥମେ ବ୍ୟାଟିଂ କରି ୧୮ ଓଭରରେ ୨୧୧ ରନ୍ କରିଥିଲା। ଦଳ ପକ୍ଷରୁ ଶେଖର ସ୍ୱାଇଁ ବିସ୍ଫୋରକ ବ୍ୟାଟିଂ କରି ୧୭ ବଲରୁ ସର୍ବାଧିକ ୭୭ ରନ୍ କରିଥିଲେ। ଜବାବ୍‌ରେ ଯାଆଁଳା ଦଳ ୧୮ ଓଭରରେ ୮ ୱିକେଟ ହରାଇ ୧୮୯ ରନ୍ ସଂଗ୍ରହ କରି ୨୨ ରନ୍‌ରେ ପରାସ୍ତ ହୋଇଥିଲା। ବିସ୍ଫୋରକ ବ୍ୟାଟିଂ କରି ମ୍ୟାଚ୍ ବିଜୟୀ ପାଳି ଖେଳିଥିବା ଶେଖର ସ୍ୱାଇଁଙ୍କୁ ଅତିଥି ଉତ୍କଳ ସାୟାଦିକ ଖୋର୍ଦ୍ଧା ଜିଲ୍ଲା

ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଯଦୁପୁରକୁ ଇଗଲ ସ୍ପୋର୍ଟିଂ ମେଣ୍ଟାଶାଳ ଭେଟିଥିଲା। ଟସ୍ ଜିତି ମେଣ୍ଟାଶାଳ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ମେଣ୍ଟାଶାଳ ଦଳ ୧୬ ଓଭରରେ ୮ ୱିକେଟ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରକାଶ ସାମନ୍ତରାୟ ୫୮ ରନ୍ ସଂଗ୍ରହ କରିଥିଲେ। ଯଦୁପୁର ପକ୍ଷରୁ ତବ୍ରିଜ ୨ଟି ୱିକେଟ ହାସଲ କରିଥିଲେ। ଜବାବରେ ଯଦୁପୁର ଦଳ ମିର ଆସିଫଙ୍କ ବିସ୍ଫୋରକ ୪୦ ରନ ସହାୟତାରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏହି ମ୍ୟାଚ୍‌କୁ ଯଦୁପୁର ଦଳ ୪ ୱିକେଟରେ ଜିତି ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଯଦୁପୁର ଦଳର ଏମ୍‌ଡି ତବ୍ରୀଜ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ଖୋର୍ଦ୍ଧା ପୌରପାଳିକାର ପୂର୍ବତନ ଉପାଧ୍ୟକ୍ଷ ସଂଜୟ କୁମାର ସିଂ ଓ ସମାଜସେବୀ ଦୁଃଶାସନ ବେହେରାଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ମଙ୍ଗଳବାର ମ୍ୟାଚ୍‌କୁ ଜୟନ୍ତ ମାର୍ଥା, ସୋଭାକର ପାତ୍ର, ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ। ସେହିପରି ଭାଷ୍ୟକାର ଭାବରେ ଏସ.କେ. କାସିମ୍, ରାଜେନ୍ଦ୍ର ବେହେରା ଓ ବୁଦ୍ଧଦେବ ମହାରଣା ଓ କ୍ୟାମେରାମ୍ୟାନ ଭାବରେ ସୁରେନ୍ଦ୍ର କାର୍ଯ୍ୟ ତୁଲାଇଥିଲେ। ବୁଧବାର ଗୁରୁଜଙ୍ଗ ଡେୟାର ବ୍ଲୁ ବନାମ ଏସଜେଆର ୱାରିୟାର୍ସ ଗୁରୁଜଙ୍ଗ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

ଆସନ୍ତା ୧୮ରୁ ପାରା ଏସିଆଡ୍ : ଭାଗ ନେବ ୨୭୫ ଜଣିଆ ଭାରତୀୟ ଦଳ; ଓଡ଼ିଶାରୁ ୪ କ୍ରୀଡ଼ାବିତ୍ ସାମିଲ

ନୂଆଦିଲ୍ଲୀ/ଭୁବନେଶ୍ୱର

ଆସନ୍ତା ୧୮ ତାରିଖରୁ ଜାପାନର ନାଗୋୟାରେ ଆରମ୍ଭ ହେବାକୁ ଯାଉଛି ପାରା ଏସିଆଡ୍। ୨୭୫ ଜଣିଆ ଭାରତୀୟ ଦଳ କ୍ରୀଡ଼ାରେ ଭାଗ ନେବେ। ଏଥିରେ ୧୬୬ ଜଣ (୫୫ ଜଣ ମହିଳା) କ୍ରୀଡ଼ାବିତ ରହିଛନ୍ତି। ଭାରତୀୟ ଦଳର ନେତୃତ୍ୱ ନେଇ ଉଦ୍‌ଘାଟନୀ ଉତ୍ସବରେ ତ୍ରିରଙ୍ଗା ଧାରଣ କରିବେ ଓଡ଼ିଆ ପାରାଲିମ୍ପିଆନ ପ୍ରମୋଦ ଭଗତ ଏବଂ ପାରା ଟେବୁଲ ଟେନିସ୍ ଖେଳାଳି ଭବାନୀ ପଟେଲ। ଆଥଲେଟିକ୍ସରେ ସର୍ବାଧିକ ୬୨ ଜଣ ସାମିଲ ହୋଇଛନ୍ତି। ଏହି ଦଳରେ ଓଡ଼ିଶାରୁ ବ୍ୟାଡ୍‌ମିଣ୍ଟନରେ ପ୍ରମୋଦ ଭଗତ, ତୀରନ୍ଦାଜୀରେ ପାୟଲ ନାଗ ଏବଂ ଆଥଲେଟିକ୍ସରେ ସୁଚିତ୍ରା ପରିଡ଼ା ଓ ଜୟନ୍ତୀ ବେହେରା (ଟି୪୭) ସାମିଲ ରହିଛନ୍ତି। ପାରା ଏସିଆଡ୍ ଆସନ୍ତା ୧୮ରୁ ଆରମ୍ଭ ହୋଇ ୨୪ ତାରିଖରେ ଉଦ୍‌ଯାପିତ ହେବ। ମୋଟ୍ ୧୮ଟି କ୍ରୀଡ଼ାରେ ୪୯୨ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏସିଆର ୪୫ଟି ଦେଶ ଏଥିରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୨୦ତମ ଏସିଆଡ୍‌ରେ ଭାରତ ମୋଟ ୮୫ଟି ପଦକ ଜିତିବାରେ ସଫଳ ହୋଇଥିଲା। ଯେଉଁଥିରେ ୨୧ଟି ସ୍ୱର୍ଣ୍ଣ ପଦକ ସାମିଲ ରହିଥିଲା।

ମହିଳା ଦିନିକିଆ ର‍ୟାଙ୍କିଂ : ଶୀର୍ଷରେ ସ୍ମୃତି ମନ୍ଧାନା

ଦୁବାଇ

ଭାରତୀୟ ମହିଳା କ୍ରିକେଟ୍ ଦଳର ନୂଆ ଅଧିନାୟିକା ସ୍ମୃତି ମନ୍ଧାନା ମଙ୍ଗଳବାର ଆଇସିସି ଦ୍ୱାରା ପ୍ରକାଶିତ ଦିନିକିଆ ବ୍ୟାଟିଂ ମାନ୍ୟତାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ୭୯୦ ପଏଣ୍ଟ ସହ ଏହି ସ୍ଥାନରେ ଥିବା ବେଳେ ହରମନ୍‌ପ୍ରୀତ କୌର ନବମରେ ରହିଛନ୍ତି। ବୋଲିଂ ମାନ୍ୟତାରେ ଦୀପ୍ତି ଶର୍ମା ଗୋଟିଏ ସ୍ଥାନ ଖସି ନବମରେ ରହିଛନ୍ତି।

ଟ୍ୱେଣ୍ଟି-୨୦ ମାନ୍ୟତାରେ ଶେଫାଳି ବର୍ମା (୭୫୯ ପଏଣ୍ଟ), ସ୍ମୃତି (୭୫୪ ପଏଣ୍ଟ) ଓ ହରମନ୍‌ପ୍ରୀତ (୬୫୬ ପଏଣ୍ଟ) ଯଥାକ୍ରମେ ଚତୁର୍ଥ, ପଞ୍ଚମ ଓ ଦଶମ ସ୍ଥାନରେ ରହିଛନ୍ତି। ବୋଲିଂରେ ଶ୍ରୀ ଚାରଣୀ (୮୧୭) ଓ ଦୀପ୍ତି ଶର୍ମା (୭୫୪) ଯଥାକ୍ରମେ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଅଲ୍‌ରାଉଣ୍ଡରରେ ଭାରତୀୟ ଭାବେ କେବଳ ଦୀପ୍ତି (ଟ୍ୱେଣ୍ଟି-୨୦ରେ ଚତୁର୍ଥ ଓ ଦିନିକିଆରେ ଷଷ୍ଠ) ଶୀର୍ଷ ୧୦ରେ ରହିଛନ୍ତି। ଉଭୟ ଟ୍ୱେଣ୍ଟି-୨୦ ଓ ଦିନିକିଆରେ ଭାରତ ତୃତୀୟରେ ରହିଛି।

କୋଲ୍‌କାତାରେ ହେବ ବାର୍ସେଲୋନା, ରିୟଲ ମାଡ୍ରିଡ୍ ଲିଜେଣ୍ଡ୍ସ ମ୍ୟାଚ୍

କୋଲ୍‌କାତା

ବିଶ୍ୱ ଫୁଟ୍‌ବଲର ଅନ୍ୟତମ ସଫଳ କ୍ଲବ ବାର୍ସେଲୋନା ଓ ରିୟଲ ମାଡ୍ରିଡ୍‌ର ଲିଜେଣ୍ଡ୍ ଦଳ ଆସନ୍ତା ନଭେମ୍ବର ୨୫ରେ କୋଲ୍‌କାତାରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବେ। ଏ ନେଇ ପଶ୍ଚିମବଙ୍ଗ କ୍ରୀଡ଼ାମନ୍ତ୍ରୀ ଇନ୍ଦ୍ରନିଲ ଖାନ୍ ମଙ୍ଗଳବାର ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି। ଏହି ମ୍ୟାଚ୍ ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳାଯିବ। ଏହି ଷ୍ଟାଡିୟମରେ ଗତ ସପ୍ତାହରେ ଦୁଇଟି ହାଇପ୍ରୋଫାଇଲ ଇଣ୍ଟରନ୍ୟାସନାଲ ଫ୍ରେଣ୍ଡଲି ମ୍ୟାଚ୍ ଆୟୋଜନ କରାଯାଇଥିଲା।

ଗାନ୍ଧୀ ଷ୍ଟାଡିୟମରେ ୭୦ତମ ରାଜ୍ୟସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ଉଦ୍‌ଘାଟିତ

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ଗାନ୍ଧୀ ଷ୍ଟାଡିୟମଠାରେ ୭୦ତମ ରାଜ୍ୟସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ସହିତ ରାଜ୍ୟର ପ୍ରଥମ ୧୪ ବର୍ଷରୁ କମ୍ ବାଳକ ଫୁଟବଲ୍ ଚାମ୍ପିୟନସିପ୍ ଉଦ୍‌ଘାଟିତ ହୋଇଛି। ଚାରିଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ବୀରମହାରାଜପୁର ବିଧାୟକ ଇଞ୍ଜି ନିୟର ରଘୁନାଥ ଜଗଦଲ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଓଡ଼ିଶାର ସୁନାମଧନ୍ୟ ଆଥଲେଟ୍ ତଥା ସ୍ୱର୍ଣ୍ଣପଦକ ବିଜୟିନୀ ଦୂତୀ ଚାନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଜିଲ୍ଲାପାଳ ଦେବାଶିଷ ସିଂହ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଶାରୀରିକ ଶିକ୍ଷାର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା, ମୟୂରଭଞ୍ଜ ଜିଲ୍ଲାର ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥୀ ମଲ୍ଲିକ, କାର୍ଯ୍ୟକ୍ରମର ସଂଯୋଜନା ଓ ଆୟୋଜକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଲାନ ପାଣ୍ଡିଆ, ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ ଏବଂ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ପାୟୁଷ ପଣ୍ଡା ଉପସ୍ଥିତ ଥିଲେ।

ଏହି ଅବସରରେ ଦୂତୀ ଚାନ୍ଦ ଉପସ୍ଥିତ ୧୪ ବର୍ଷରୁ କମ୍ ବୟସର ବାଳକ ଫୁଟବଲ୍ ଖେଳାଳିମାନଙ୍କୁ ଉଦ୍‌ବୋଧନ ଦେଇ ନିଜ ଜୀବନର ସଂଘର୍ଷ ଓ ସଫଳତାର ଅନୁଭୂତି ବାଣ୍ଟିଥିଲେ। ପ୍ରାରମ୍ଭିକ ଦିନଗୁଡ଼ିକରେ କ୍ରୀଡ଼ା ଭିତ୍ତିଭୂମିର ଅଭାବ ସତ୍ତ୍ୱେ ନିଜର ଦୃଢ଼ ଇଚ୍ଛାଶକ୍ତି, ନିରନ୍ତର ଅଭ୍ୟାସ ଓ କଠିନ ପରିଶ୍ରମ ଯୋଗୁଁ ସେ ସଫଳତା ହାସଲ କରିପାରିଥିବା କହିଥିଲେ। ୨୦୧୬ରେ ୧୦୦ ମିଟର ଦୌଡ଼ରେ ପି.ଟି. ଉଷାଙ୍କ ରେକର୍ଡ ଭାଙ୍ଗିବା ଏବଂ ପରବର୍ତ୍ତୀ ସମୟରେ ନିଜ ରେକର୍ଡକୁ ଏକାଧିକ ଥର ଅତିକ୍ରମ କରିବାର ଅନୁଭୂତି ମଧ୍ୟ ସେ ଖେଳାଳିମାନଙ୍କ ସହ ବାଣ୍ଟିଥିଲେ। ଦୂତୀ ଚାନ୍ଦ ଓଡ

32 YEARS
ସମୟ କଣ୍ଠିକା
ଭୁବନେଶ୍ୱର, ୧୪ ଅକ୍ଟୋବର, ୨୦୨୬ ବୁଧବାର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ନବମ ଓ ଦଶମ...

ଓ ଯୁଦ୍ଧଜନିତ ବିଶ୍ୱସ୍ତରୀୟ ଭୂ-ରାଜନୈତିକ ଅସ୍ଥିରତା ଭଳି ଆହ୍ୱାନର ମୁକାବିଲାରେ ମୋଦୀଙ୍କ ଦୃଢ଼ ରାଜନୈତିକ ଓ ପ୍ରଶାସନିକ ନେତୃତ୍ୱ ପ୍ରତିଫଳିତ ହୋଇଛି। ଏହି ଆହ୍ୱାନ ସତ୍ତ୍ୱେ ଦେଶର ଅର୍ଥନୀତିକୁ ସୁଦୃଢ଼ ରଖିବା ସହ ଭାରତର ବିଶ୍ୱସ୍ତରୀୟ ସ୍ଥିତିକୁ ଅଧିକ ମଜଭୁତ କରାଯାଇଛି। ଆଜିର ଭାରତ ନିଜ ଐତିହ୍ୟକୁ ନେଇ ଗର୍ବ କରିବା ସହ ନିଜ ସାମର୍ଥ୍ୟ ଓ ଆତ୍ମବିଶ୍ୱାସକୁ ଆଧାର କରି ଆଗକୁ ବଢୁଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋଦୀ ପ୍ରଧାନମନ୍ତ୍ରୀ ହେବା ପରଠାରୁ ଓଡ଼ିଶାର ବିକାଶମୂଳକ ପଦକ୍ଷେପଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଗୁରୁତ୍ୱ ମିଳିଛି। ରାଜ୍ୟରେ ବର୍ତ୍ତମାନର ସରକାର ଗଠନ ପରଠାରୁ ପ୍ରଧାନମନ୍ତ୍ରୀ ଆଠ ଥର ଓଡ଼ିଶା ଗସ୍ତ କରି ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ନେବା ସହ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ଭିତ୍ତିଭୂମି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଓ ଗରିବ କଲ୍ୟାଣ କ୍ଷେତ୍ରରେ ଓଡ଼ିଶାକୁ କେନ୍ଦ୍ରର ସହଯୋଗ ମିଳୁଛି। ପୂର୍ବୋଦୟ ପରିକଳ୍ପନାର କେନ୍ଦ୍ରରେ ଓଡ଼ିଶା ରହିଛି। ରେଳ ଭିତ୍ତିଭୂମିର ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୪ ପରଠାରୁ ରାଜ୍ୟରେ ୨,୨୩୬ କିଲୋମିଟର ନୂତନ ରେଳପଥ ନିର୍ମାଣ ହୋଇଛି ଏବଂ ରେଳପଥର ଶତ ପ୍ରତିଶତ ବିଦ୍ୟୁତୀକରଣ ହୋଇଛି। ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି ଅପେକ୍ଷାରେ ଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପଥ ପ୍ରକଳ୍ପ ଏବେ ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଓଡ଼ିଶାର ୧୭ଟି ଜିଲ୍ଲାକୁ ୨୫ଟି ଷ୍ଟେପେଜ୍ ମାଧ୍ୟମରେ ଛଅଟି ବନ୍ଦେ ଭାରତ ଟ୍ରେନ୍ ସଂଯୋଗ କରୁଛି। ଏହାସହ ଅମୃତ ଭାରତ ଷ୍ଟେସନ୍ ଯୋଜନାରେ ୫୯ଟି ରେଳଷ୍ଟେସନ୍‌ର ପୁନର୍ବିକାଶ କରାଯାଉଛି। ସଡ଼କ ଭିତ୍ତିଭୂମି କ୍ଷେତ୍ରରେ ୧୧୧ କିଲୋମିଟର ଦୀର୍ଘ ଛଅ ଲେନ୍ ବିଶିଷ୍ଟ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ପାଇଁ ୮,୩୦୮ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରାୟ ୮,୩୦୦ କୋଟି ଟଙ୍କା ବ୍ୟୟରେ ୧୬୦ କିଲୋମିଟରରୁ ଅଧିକ ଦୀର୍ଘ ଗ୍ରୀନ୍‌ଫିଲ୍ଡ ଓଡ଼ିଶା ଉପକୂଳ ରାଜପଥକୁ ମଧ୍ୟ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଗୋପାଳପୁରକୁ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଦେଇ ପଶ୍ଚିମବଙ୍ଗ ସୀମା ନିକଟସ୍ଥ ଦାଘା ସହ ସଂଯୋଗ କରିବ। ଝାରସୁଗୁଡ଼ାର ପୂର୍ବତନ ଦ୍ୱିତୀୟ ବିଶ୍ୱଯୁଦ୍ଧକାଳୀନ ବିମାନଘାଟିକୁ ଉଡ଼ାନ୍ ଯୋଜନା ଅଧୀନରେ ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ବିକଶିତ କରାଯାଇଛି। ୨୦୧୮ ସେପ୍ଟେମ୍ବର ୨୨ରୁ ଏଠାରୁ ବିମାନ ସେବା ଆରମ୍ଭ ହୋଇଥିଲା। ଦିଲ୍ଲୀ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦକୁ ସିଧାସଳଖ ବିମାନ ସଂଯୋଗ ଦ୍ୱାରା ପଶ୍ଚିମ ଓଡ଼ିଶାର ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିଛି। ଏହା ବ୍ୟତୀତ ଗଞ୍ଜାମ ଜିଲ୍ଲାର ବାହୁଦା ମୁହାଣରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଗଭୀର ସମୁଦ୍ର ବନ୍ଦର ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୪,୭୦୦ କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ ଓ ମରାମତି କ୍ଲଷ୍ଟର ପ୍ରତିଷ୍ଠାକୁ ମଞ୍ଜୁରୀ ମିଳିଛି। ଏହି ସବୁ ପ୍ରକଳ୍ପ ରାଜ୍ୟର ସଡ଼କ, ରେଳ, ଆକାଶ ଓ ଜଳପଥ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ସହ ଅର୍ଥନୈତିକ ବିକାଶକୁ ଗତି ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳର ବିକାଶ, ପାରାଦୀପ ତୈଳ ବିଶୋଧନାଗାରର ସମ୍ପ୍ରସାରଣ ଓ ପେଟ୍ରୋଲିୟମ୍, କେମିକାଲ୍ସ ଆଣ୍ଡ ପେଟ୍ରୋକେମିକାଲ୍ସ ଇନଭେଷ୍ଟମେଣ୍ଟ ରିଜିଅନ୍ ର ବିକାଶ ଦ୍ୱାରା ଉପକୂଳ ଓଡ଼ିଶା ଏକ ବଡ଼ ଅର୍ଥନୈତିକ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛି। ଚଣ୍ଡିଖୋଲରେ ରଣନୈତିକ ପେଟ୍ରୋଲିୟମ୍ ରିଜର୍ଭ ପ୍ରତିଷ୍ଠା କରାଯାଉଛି। ବ୍ରହ୍ମପୁରରେ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା ଏବଂ ସମ୍ବଲପୁରରେ ଭାରତୀୟ ପରିଚାଳନା ସଂସ୍ଥାନ ପ୍ରତିଷ୍ଠା ଦ୍ୱାରା ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଗୁରୁତ୍ୱ ବଢ଼ିଛି। ରାଉରକେଲା ଇସ୍ପାତ କାରଖାନାର ଆଧୁନିକୀକରଣ ଓ ସମ୍ପ୍ରସାରଣ କରାଯାଇଥିବା ବେଳେ ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ ମଧ୍ୟ କରାଯାଉଛି। ଭୁବନେଶ୍ୱରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଗ୍ରୀନ୍ ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ସୁବିଧା ପ୍ରତିଷ୍ଠା ହେଉଛି। ଇନଫୋଭ୍ୟାଲିରେ ଇଲେକ୍ଟ୍ରୋନିକ୍ସ ମ୍ୟାନୁଫାକଚରିଂ କ୍ଲଷ୍ଟର ଗଠନ ଦ୍ୱାରା ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ନିବେଶର ସମ୍ଭାବନା ବଢ଼ିଛି। ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜ ସ୍ଥିତି ମଜଭୁତ କରୁଛି। ତାଳଚେରରେ କୋଇଲା ଗ୍ୟାସିଫିକେସନ୍ ମାଧ୍ୟମରେ ସାର ଉତ୍ପାଦନ ପାଇଁ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ରାଜ୍ୟ ପାଇଁ 'ଭିଜନ୍ ୨୦୩୬' ଓ 'ଭିଜନ୍ ୨୦୪୭' ପ୍ରସ୍ତୁତ କରାଯାଇଛି। ବିକଶିତ ଭାରତର ଲକ୍ଷ୍ୟ ସହ ତାଳ ଦେଇ ଓଡ଼ିଶାର ବିକାଶ ପାଇଁ ଦୁଇଟି ଦୀର୍ଘକାଳୀନ ଦୃଷ୍ଟିକୋଣ ପ୍ରସ୍ତୁତ କରିବାକୁ ନୀତି ଆୟୋଗକୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ପ୍ରଧାନମନ୍ତ୍ରୀ ଓ ନୀତି ଆୟୋଗ ସମର୍ଥନ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଧ୍ୟାନ ଓ ସହଯୋଗ ରାଜ୍ୟର ସମୃଦ୍ଧି ଲକ୍ଷ୍ୟକୁ ଶୀଘ୍ର ସାକାର କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ କ୍ୟାବିନେଟ ପକ୍ଷରୁ ସଂକଳ୍ପ ପାରିତ କରାଯାଇଥିବାରୁ ସେ ସମସ୍ତ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ପ୍ରାଥମିକ ଶିକ୍ଷା (ନିଯୁକ୍ତି ପଦ୍ଧତି ଏବଂ ଶିକ୍ଷକ ଓ ଅଧିକାରୀମାନଙ୍କ ସେବା ସର୍ତ୍ତାବଳୀ) ନିୟମାବଳୀ, ୧୯୯୭ରେ ସଂଶୋଧନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବରିଷ୍ଠତା ନିର୍ଦ୍ଧାରଣରେ ଦେଖାଦେଉଥିବା ଅସଙ୍ଗତି ଦୂର କରିବା ଏବଂ ପଦୋନ୍ନତି ପ୍ରକ୍ରିୟାରେ ନ୍ୟାୟସଙ୍ଗତ ବ୍ୟବସ୍ଥା ସୁନିଶ୍ଚିତ କରିବା ଏହି ସଂଶୋଧନର ଉଦ୍ଦେଶ୍ୟ। ରାଜ୍ୟରେ ଶିଳ୍ପ ପୁନର୍ଗଠନ ପ୍ରକ୍ରିୟାକୁ ସହଜ କରିବା ସହ ଏଥିସହ ଜଡ଼ିତ ଖର୍ଚ୍ଚ ଓ ଅନିଶ୍ଚିତତା ହ୍ରାସ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର ଶିଳ୍ପ ନୀତି-୨୦୨୨ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। କମ୍ପାନୀଗୁଡ଼ିକର ମିଶ୍ରଣ, ଏକତ୍ରୀକରଣ, ବିଭାଜନ ଓ ପୁନର୍ଗଠନ ସମ୍ବନ୍ଧୀୟ ଦଲିଲ ଉପରେ ଷ୍ଟାମ୍ପ ଶୁଳ୍କକୁ ଯୁକ୍ତିଯୁକ୍ତ ଓ ସୀମିତ କରିବା ଏହି ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଇ ଦେବା ପ୍ରସ୍ତାବକୁ ରାଜ୍ୟ ମନ୍ତ୍ରିମଣ୍ଡଳ ଅନୁମୋଦନ କରିଛି। 'ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଣ' ଯୋଜନା ଅଧୀନରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ବାଦ୍ ଦେଇ ଅନ୍ୟ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଏହି ସୁବିଧା ମିଳିବ। ଏହି ଯୋଜନା ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏଥିରେ ପ୍ରାୟ ୨୮.୭୦ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହେବାକୁ ଥିବାବେଳେ ଯୋଜନା ପାଇଁ ମୋଟ ୨୮୪.୦୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଆର୍ଥିକ ଦୁର୍ବଳ ପରିବାର ଉପରେ ପାଠ୍ୟପୁସ୍ତକ କିଣିବାର ଆର୍ଥିକ ବୋଝ ହ୍ରାସ ପାଇବା ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଲାଭ ପାଇଁ ସମାନ ସୁଯୋଗ ମିଳିବ। ଏଥିସହ ସରକାରୀ ବିଦ୍ୟାଳୟରେ ନାମଲେଖା ବୃଦ୍ଧି, ଶିକ୍ଷାଛାଡ଼ ହାର ହ୍ରାସ ଏବଂ ପ୍ରାଥମିକରୁ ମାଧ୍ୟମିକ ଶିକ୍ଷାକୁ ଛାତ୍ରଛାତ୍ରୀଙ୍କ ଉତ୍ତରଣ ହାର ବୃଦ୍ଧି କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଯୋଜନା ମାଧ୍ୟମରେ ମାଧ୍ୟମିକ ଶିକ୍ଷାରେ ଆର୍ଥିକ ପ୍ରତିବନ୍ଧକ ହ୍ରାସ କରିବା ସହ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବ୍ୟବସ୍ଥା ସହ ଯୋଡ଼ି ରଖିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବଲାଙ୍ଗିର ଜିଲ୍ଲାରେ ଦୀର୍ଘକାଳୀନ ଜଳାଭାବ ସମସ୍ୟାର ସମାଧାନ ଏବଂ ଜଳ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ତୁଷାପଲ୍ଲୀ ଗ୍ରାମ ନିକଟରେ ଏକ ଅନ୍ତଃନଦୀ ଜଳାଶୟ (ଇନ୍-ସ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର) ନିର୍ମାଣ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୦୫ କୋଟି ୬୨ ଲକ୍ଷ ୩୩ ହଜାର ୯୬୦ ଟଙ୍କା (ଜିଏସ୍‌ଟି ବ୍ୟତୀତ)ର ଟେଣ୍ଡରକୁ ମଞ୍ଜୁରୀ ମିଳିଛି। ରାଜ୍ୟରେ ଜଳସମ୍ପଦ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଏବଂ ଜଳ ସଂରକ୍ଷଣ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ କ୍ୟାଡରର ପୁନର୍ଗଠନକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହି ନିଷ୍ପତ୍ତି ଅନୁଯାୟୀ, କ୍ୟାଡରରେ କନିଷ୍ଠ ଯନ୍ତ୍ରୀ (ଜେଇ) ଓ ସହକାରୀ ଯନ୍ତ୍ରୀ (ଏଇ) ପଦବୀର ଅନୁପାତକୁ ବର୍ତ୍ତମାନର ୪୦:୬୦ରୁ ପରିବର୍ତ୍ତନ କରି ୬୦:୪୦ କରାଯିବ। ଜଳସମ୍ପଦ ବିଭାଗର କାର୍ଯ୍ୟପରିସର ଓ ବ୍ୟୟବରାଦ କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ରାଜ୍ୟର ଭବିଷ୍ୟତର ଜଳ ଆବଶ୍ୟକତା ପୂରଣ ସହ ୨୦୩୬ ମସିହା ପାଇଁ ରାଜ୍ୟର ବିକାଶମୂଳକ ଲକ୍ଷ୍ୟ ହାସଲ ନିମନ୍ତେ ଏକ ସୁଦୃଢ଼ ଯାନ୍ତ୍ରିକ ମାନବ ସମ୍ବଳ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ କ୍ୟାଡରର ପୁନର୍ଗଠନ କରାଯାଇଛି। ବର୍ତ୍ତମାନର କ୍ୟାଡରରେ ସହକାରୀ ଯନ୍ତ୍ରୀଙ୍କ ସଂଖ୍ୟା କନିଷ୍ଠ ଯନ୍ତ୍ରୀଙ୍କ ତୁଳନାରେ ଅଧିକ ରହିଥିବାରୁ ଏହାର ଗଠନ ଏକ ଓଲଟା ପିରାମିଡ୍ ସଦୃଶ ହୋଇଥିଲା। ଏହାଦ୍ୱାରା ପଦୋନ୍ନତି ମାଧ୍ୟମରେ ସମସ୍ତ ସହକାରୀ ଯନ୍ତ୍ରୀ ପଦବୀ ପୂରଣ କରିବାରେ ସମସ୍ୟା ଦେଖାଦେବା ସହ କେତେକ ପଦବୀ ଖାଲି ରହୁଥିଲା। ରାଜ୍ୟ କ୍ୟାବିନେଟ ମାଙ୍ଗଳବାର କର୍ମଚାରୀଗୁଡ଼ିକର ପୁନଃନିର୍ମାଣ, ମିଶ୍ରଣ, ବିଚ୍ଛିନ୍ନକରଣ କିମ୍ବା ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକାରୀ ହେଉଥିବା ବା ଉପକରଣଗୁଡ଼ିକ ଉପରେ ଷ୍ଟାମ୍ପ ଶୁଳ୍କକୁ ଯୁକ୍ତିଯୁକ୍ତ କରିବା ପାଇଁ ଶିଳ୍ପ ନୀତି ୨୦୨୨ ରେ ଏକ ସଂଶୋଧନକୁ ଅନୁମୋଦନ କରିଛନ୍ତି। ଏହି ସଂସ୍କାର କର୍ପୋରେଟ୍ ପୁନର୍ଗଠନ ସହିତ ଜଡିତ ଖର୍ଚ୍ଚ ଏବଂ ଅନିଶ୍ଚିତତାକୁ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହା ମିଶ୍ରଣ, ଏକତ୍ରୀକରଣ, ପୁନରୁଦ୍ଧାର ଏବଂ ଶିଳ୍ପ ସମ୍ପତ୍ତିର ସ୍ଥାନାନ୍ତରକୁ ସହଜ କରିବ।

କେନ୍ଦ୍ରମନ୍ତ୍ରୀ ଏଲ. ...

ମୋଦୀଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ଭାରତ ମାତା ଓ ତାମିଲନାଡୁର ସେବା କରିବା ମୋ ଜୀବନର ସବୁଠୁ ମୂଲ୍ୟବାନ ମୁହୂର୍ତ୍ତ । ଜଣେ ଦିନ ମଜୁରିଆ ପୁଅକୁ ପ୍ରଧାନମନ୍ତ୍ରୀ ମୋଦୀ କେନ୍ଦ୍ରମନ୍ତ୍ରୀ କରାଇବା ବୋଧୁହୁଏ ମୋର ପରମ ସୌଭାଗ୍ୟ ।' ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସମ୍ପୂର୍ଣ୍ଣ ସମୟ ଏବେ ତାମିଲନାଡୁ ବିଜେପିକୁ ସଶକ୍ତ କରିବାରେ ଦେବେ । ଆସନ୍ତା ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ତୃଣମୂଳ ସ୍ତରରେ ପହଞ୍ଚି ବିଜେପି ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ଏବେ ତାଙ୍କ ଗୁରୁ ଦାୟିତ୍ୱ ବୋଲି ଶ୍ରୀ ମୁରୁଗାନ ଉଲ୍ଲେଖ କରିଛନ୍ତି । ଶ୍ରୀ ମୁରୁଗାନ ୨୦୨୧ରେ ପ୍ରଥମ କରି ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ବେଳେ ୨୦୨୪ରେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ ।

୧୦ କୋଟିରେ...

ତ୍ୱରିତ ସହାୟତା, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା, ପ୍ରଯୁକ୍ତିଭିତ୍ତିକ ନିରୀକ୍ଷଣ, ନିରାପଦ ଯାତାୟାତ, ମହିଳା ଅନୁକୂଳ ସାର୍ବଜନୀନ ସୁବିଧା ଓ ସଚେତନତା କାର୍ଯ୍ୟକ୍ରମକୁ ସାମିଲ କରାଯାଇଛି। 'ଶକ୍ତି ସାରଥୀ' ଅଧୀନରେ ୧୫ଟି ଦୁଇଚକିଆ ଯାନ ମାଧ୍ୟମରେ ମହିଳା ପୋଲିସ କର୍ମଚାରୀଙ୍କ ପକ୍ଷରୁ ପାଟ୍ରୋଲିଂ ଓ ତ୍ୱରିତ ସହାୟତା ପ୍ରଦାନ ପ୍ରସ୍ତାବ ରହିଛି। 'ପ୍ରତିକ୍ରିୟା' ଯୋଜନାରେ ୧୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଓ ଡ୍ରୋନ୍ ବ୍ୟବହାର ମାଧ୍ୟମରେ ମହିଳାଙ୍କୁ ଆବଶ୍ୟକ ସହାୟତା ଓ ଉଦ୍ଧାର ସେବା ଯୋଗାଇବାର ଯୋଜନା ରହିଛି। 'ଦୃଷ୍ଟି' ଅଧୀନରେ ୨୧୦ଟି ସ୍ଥାନରେ ୮୦୦ଟି ସିସିଟିଭି କ୍ୟାମେରା ସ୍ଥାପନ କରି ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରସ୍ତାବ ରହିଛି। ସେହିପରି 'ଏସ୍-ଷ୍ପଟ୍' ଅଧୀନରେ ପାଞ୍ଚଟି ପୋଲିସ ସହାୟତା କେନ୍ଦ୍ର ସ୍ଥାପନ କରାଯିବାର ଯୋଜନା ରହିଛି। ମହିଳାଙ୍କ ପାଇଁ ନିରାପଦ ଓ ସୁଲଭ ଯାତାୟାତ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ 'ସହଯାତ୍ରା' ଅଧୀନରେ ୪୦ଟି ଗୋଲାପୀ ଇ-ଚିଳା ପରିଚାଳନା ପ୍ରସ୍ତାବିତ ହୋଇଛି। 'ନିର୍ଭୟା ସଦନ' ଯୋଜନାରେ ଜିଲ୍ଲା ଅଦାଲତ ପରିସର, ରେଳ ଷ୍ଟେସନ, ବୁର୍ଲା ଚିକିତ୍ସା ଅଞ୍ଚଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଟିଟି ସହାୟତା କେନ୍ଦ୍ର ସ୍ଥାପନ ପ୍ରସ୍ତାବ ରହିଛି। 'ସାଥୀ' ଅଧୀନରେ ଛଅଟି ଶୌଚାଳୟ ଓ ନର୍ସିଂ ସୁବିଧା ସ୍ଥାପନ ସହ 'ଯାତ୍ରା' ଅଧୀନରେ ୫୦ଟି ଶିକ୍ଷାନୁଷ୍ଠାନର ବସ୍ ପାଇଁ ବାସ୍ତବ ସମୟ ଟ୍ରାକିଂ ବ୍ୟବସ୍ଥା ବିକାଶ କରିବାର ପ୍ରସ୍ତାବ ରହିଛି। ଏହା ସହିତ 'ସଚେତନା' ଅଧୀନରେ ମହିଳା ସୁରକ୍ଷା ସମ୍ପର୍କିତ ସଚେତନତା, ଆତ୍ମରକ୍ଷା ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ଶିକ୍ଷା ଓ ଗୋଷ୍ଠୀ ସମୁଦାୟଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅଭିଯାନରେ କିଶୋର ବାଳକମାନଙ୍କୁ ମଧ୍ୟ ସାମିଲ କରି ମହିଳାଙ୍କ ପ୍ରତି ସମ୍ମାନଜନକ ଆଚରଣ, ଲିଙ୍ଗଗତ ସମ୍ବେଦନଶୀଳତା ଓ ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିବାକୁ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଥିଲେ। ଯୋଜନାଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ନିମନ୍ତେ ପୋଲିସ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସ୍ଥାନୀୟ ପ୍ରଶାସନ ମଧ୍ୟରେ ସମନ୍ୱୟ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସ., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଡା. ଏନ୍. ତିରୁମାଲା ନାଏକ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦର୍ସ୍ୱାଲଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ଉପକୃତ ହେବେ...

ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଛନ୍ତି। ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୨ ଲକ୍ଷରୁ ଅଧିକ ଘର ମଞ୍ଜୁର ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ପ୍ରାୟ ପାଞ୍ଚ ଲକ୍ଷ ଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କେବଳ ଆବାସ ନୁହେଁ, ପିଲାମାନଙ୍କ କ୍ରୀଡ଼ା ପ୍ରତିଭା ବିକଶିତ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁସ୍ଥତା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବିଡ଼ିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ୍

ଶତ ଚଷ୍ଟା

ଭୁବନେଶ୍ୱର, ୧୪ ଅକ୍ଟୋବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଧରାବତରଣ ନିମନ୍ତେ ରାଜଧାନୀର ବିଭିନ୍ନ ମଣ୍ଡପରେ ନିର୍ମାଣ ହୋଇଥିବା ଆକର୍ଷଣୀୟ ତୋରଣ। (ଫଟୋ : ସମ୍ବାଦ କଳିକା)

ରଥ ଚକ କିଣିବା ଆବେଦନ ସମୟ ୨୨ ଯାଏ ବୃଦ୍ଧି

ମହାପ୍ରଭୁଙ୍କ ନନ୍ଦିଘୋଷ ପ୍ରତି ଚକର ଦାମ୍ ୪ ଲକ୍ଷ ଟଙ୍କା

କିମ୍ସରେ କର୍ନିଆ ପ୍ରତିରୋପଣ ସଫଳତାର ସହ ସମ୍ପନ୍ନ

ପୁରୀ,୧୩/୧୦
ନ୍ୟୁଜ ବ୍ୟୁରୋ

ରଥଯାତ୍ରାରେ ବ୍ୟବହୃତ ୩ ରଥର ଚକ, ପ୍ରଭା, ଗୁଜ ଓ ଅଂଶୁଆରୀ ପ୍ରଭୃତି ରଥ ଅଂଶ ନେବା ନିମନ୍ତେ ଆବେଦନ କରିବାର ସମୟ ସୀମା ବୃଦ୍ଧି କରିଛି ଶ୍ରୀମନ୍ଦିର ପ୍ରଶାସନ। ଚଳିତ ମାସ ୨୨ ତାରିଖକୁ ଏହି ଅବଧି ବୃଦ୍ଧି କରାଯାଇଛି। ଗତ ମାସ ୧୯ ତାରିଖ ସୁଦ୍ଧା ଶ୍ରଦ୍ଧାଳୁଙ୍କ ଆବେଦନ ଅନୁଯାୟୀ ଏହି ରଥ ଅଂଶଗୁଡ଼ିକ ଦେବାକୁ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ବିଜ୍ଞପ୍ତି ବାହାର କରିଥିଲା। ହେଲେ ଏହି ସମୟ ସୀମାକୁ ବୃଦ୍ଧି କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ସାନି ବିଜ୍ଞପ୍ତି ପ୍ରକାଶ କରିଛି । ଏସ୍ଓପି ବା ମାର୍ଗଦର୍ଶିକା ମୁତାବକ ଏହି ଆବେଦନପତ୍ର ବିଚାର ପ୍ରକ୍ରିୟା କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛି। ଶ୍ରୀମନ୍ଦିର ପ୍ରଶାସନ ଶ୍ରୀବଳଭଦ୍ରଙ୍କ ରଥ ତାଳଧ୍ୱଜର ପ୍ରତି ଚକ ମୂଲ୍ୟ ୩ ଲକ୍ଷ ଟଙ୍କା, ସୁଭଦ୍ରାଙ୍କ ଦର୍ପଦଳନର ପ୍ରତି ଚକ ମୂଲ୍ୟ ୨ ଲକ୍ଷ ଟଙ୍କା ଓ ଶ୍ରୀଜଗନ୍ନାଥଙ୍କ ରଥର ପ୍ରତି ଚକର ମୂଲ୍ୟ ୪ ଲକ୍ଷ ଟଙ୍କା ରଖିଛି । ପ୍ରତି ରଥର ଗୁଜ ଓ ଅଂଶୁଆରୀ ମୂଲ୍ୟ ୨୦ ହଜାର ଲେଖାଏଁ, ପ୍ରଭା ମୂଲ୍ୟ ୫୦ ହଜାର ଲେଖାଏଁ ରଖାଯାଇଛି । ଯେକେହି ୩ଟି ରଥର ଗୋଟାଏ ଲେଖାଏଁ ଚକ ନେଲେ ୯ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ଦର ଘୋଷଣା କରିଛି । ହଜାରେ ଟଙ୍କା ସହ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଦେଲେ ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ ବିଚାର କରି ପଦକ୍ଷେପ ନେବ । ରଥଗୁଡ଼ିକର ଏହି ଅଂଶ ବିକ୍ରି ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ୩ଥର ସମୟ ବୃଦ୍ଧି କରିସାରିଲାଣି। ଏହା ପଛରେ ଥିବା ଉଦ୍ଦେଶ୍ୟ ସ୍ପଷ୍ଟ ହେଉନାହିଁ । ପୂର୍ବରୁ ପ୍ରତିବର୍ଷ ରଥ ଖୋଲାଯିବା ପରେ ରଥର ଏହି ପ୍ରମୁଖ ଅଂଶଗୁଡ଼ିକ ଶ୍ରୀଗୁଣ୍ଡିଚା ମନ୍ଦିରରେ ରଖାଯାଉଥିଲା। ଏହା ପାଣି ଖାଇ ନଷ୍ଟ ହେଉଥିଲା। ଏବେ ରଥର ଏହି ଅଂଶଗୁଡ଼ିକ ରଥ ଭଙ୍ଗା ଯିବା ପରେ ମଶାଣିଚଣ୍ଡୀ ଛକରେ ନିର୍ମାଣ ହୋଇଥିବା ଗୋଦାମ ଘରେ ରଖାଯାଉଛି।

ଭୁବନେଶ୍ୱର,୧୩ ।୧୦
ନ୍ୟୁଜ ବ୍ୟୁରୋ

କିମ୍ସରେ ସଫଳତାର ସହ ଏକ କର୍ନିଆ ପ୍ରତିରୋପଣ କରାଯାଇଛି। ପ୍ରଥମ ଥର ଲାଗି କିମ୍ସରେ ଏଭଳି ପ୍ରତିରୋପଣ ସଫଳତାର ସହ କରାଯାଇଛି। ସଂକ୍ରମଣ ଯୋଗୁଁ ଗତ ତିନି ବର୍ଷ ଧରି ଡାହାଣ ଆଖିର ପ୍ରାୟ ଦୃଷ୍ଟିଶକ୍ତି ହରାଇଥିବା ଜନୈକ ୩୭ ବର୍ଷୀୟ ରୋଗୀଙ୍କଠାରେ ଏହି ପ୍ରତିରୋପଣ କରାଯାଇଛି। ଅସ୍ତ୍ରୋପଚାର ପରେ ତାଙ୍କ ଦୃଷ୍ଟିଶକ୍ତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି । କିମ୍ସ ଚକ୍ଷୁ ବିଶେଷଜ୍ଞ ଡା. ଅକ୍ଷିତ ଗୁପ୍ତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ଅସ୍ତ୍ରୋପଚାର କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିବା ଏହି ଅସ୍ତ୍ରୋପଚାର ନିଷ୍ଣେତକ ପ୍ରୟୋଗ କରି

କରାଯାଇଥିଲା। ଡା. ଗୁପ୍ତାଙ୍କ ସୂଚନା ଅନୁଯାୟୀ, ପ୍ରାୟ ତିନି ବର୍ଷ ପୂର୍ବେ ଆଖିରେ ସଂକ୍ରମଣ ହେବାରୁ ରୋଗୀଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ପ୍ରାୟ ହରାଇଥିଲେ। ଏହି ପ୍ରଥମ କର୍ନିଆ ପ୍ରତିରୋପଣର ସଫଳତା କିମ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି। ଗତ ସପ୍ତାହରେ କିମ୍ସକୁ କର୍ନିଆ ପ୍ରତିରୋପଣ ପାଇଁ ସରକାରୀ ଅନୁମତି ମିଳିଥିଲା। ଏହି ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ବିଶେଷଜ୍ଞ ଓ ଚିକିତ୍ସା ସୁବିଧା ଥିବା ଓଡ଼ିଶାର ହାତଗଣତି ଡାକ୍ତରଖାନା ମଧ୍ୟରେ କିମ୍ସ ଅନ୍ୟତମ ବୋଲି ଡା. ଗୁପ୍ତା କହିଛନ୍ତି। ଭାରତରେ ପ୍ରାୟ ୧୦ ଲକ୍ଷ ଲୋକଙ୍କର କର୍ନିଆ ପ୍ରତିରୋପଣ ଆବଶ୍ୟକ ଥିବା ବେଳେ ଆବଶ୍ୟକତା ତୁଳନାରେ ଦାନରେ ମିଳୁଥିବା କର୍ନିଆର ସଂଖ୍ୟା ଯଥେଷ୍ଟ କମ୍। ନଷ୍ଟ ବା ରୋଗାକ୍ରାନ୍ତ କର୍ନିଆ ଯୋଗୁଁ ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିଙ୍କ ଦୃଷ୍ଟି ଫେରାଇ ଆଣିବାରେ କର୍ନିଆ ଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ତେଣୁ ଚକ୍ଷୁଦାନ ସଂପର୍କରେ ଜନସଚେତନତା ବୃଦ୍ଧି ସହ ଅଧିକରୁ ଅଧିକ ଲୋକ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି। ଏହି ଅସ୍ତ୍ରୋପଚାରରେ ଡା. ଅକ୍ଷିତ ଗୁପ୍ତା, ଡା. ମାତୁଲି ଦାସ ଓ ଡା. ସୁଭାଙ୍ଗୀ ସାହୁଙ୍କ ସମେତ ଲୋଚନା ତ୍ରିପାଠୀ ଏବଂ ଶ୍ୟାମଳୀ ରାଉତରାୟ ପ୍ରମୁଖ ସାମିଲ ଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ଦୃଷ୍ଟିଶକ୍ତିରେ ଉଲ୍ଲେଖନୀୟ ସୁଧାର ଆସିଥିବା ଡା. ସୁଭାଙ୍ଗୀ ସାହୁ ସୂଚନା ଦେଇଛନ୍ତି। ତେବେ ଦୃଷ୍ଟିର ସ୍ପଷ୍ଟତା ଆହୁରି ବଢ଼ିବା ପାଇଁ ଦୁଇରୁ ତିନି ସପ୍ତାହ ସମୟ ଲାଗିପାରେ । ଆଗାମୀ କିଛି ମାସ ମଧ୍ୟରେ ଦୃଷ୍ଟିଶକ୍ତିରେ ଆହୁରି ଉନ୍ନତି ହେବା ଆଶା କରାଯାଉଛି। ସଫଳ ଅସ୍ତ୍ରୋପଚାରରେ ସନ୍ତୋଷ ବ୍ୟକ୍ତକରି ରୋଗୀ ଜଣକ ତାଙ୍କୁ ଦୃଷ୍ଟିଶକ୍ତି ଫେରାଇବାରେ ସହାୟତା କରିଥିବା କର୍ନିଆ ଦାତାଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସମ୍ପୃକ୍ତ ଡାକ୍ତରୀ ଦଳଙ୍କୁ ପ୍ରଶଂସା କରିବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।

ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

ପୁରୀ, ୧୩/୧୦ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ଉଠିଲା ପ୍ରଶ୍ନ। ବଡ଼ଦେଉଳ ଉପରେ ଡ୍ରୋନ୍ ଉଡ଼ାଇଲେ ଅମାନିଆ। ମଙ୍ଗଳବାର ଭୋର ପ୍ରାୟ ୫ଟା ସମୟରେ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା। ତେବେ କିଏ ଏହି ଡ୍ରୋନ୍ ଉଡ଼ାଉଥିଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୩/୧୦/୨୦୨୬
3,82,435/- ଟଙ୍କା
ସୁନା:- ୦୧ଗ୍ରାମ୍ ୭୦୦ ମିଲିଗ୍ରାମ୍
ରୂପା:-୩୨ ଗ୍ରାମ୍ ୫୦୦ ମିଲିଗ୍ରାମ୍

ଗେଲ୍ ଇଣ୍ଡିଆ ପାଇପ୍‌ଲାଇନ୍ ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ

କଟକ, ୧୩/୧୦ ନ୍ୟୁଜ ବ୍ୟୁରୋ

କଟକ କେଡିଏ ସେକ୍ଟର-୧୦ରେ ଗେଲ୍ ଇଣ୍ଡିଆର ପାଇପ୍‌ଲାଇନ୍ ଦୁର୍ଘଟଣାରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ପ୍ରକୃତ କାରଣ ଅନୁଧ୍ୟାନ କରିବା ସହ ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରି ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଏହି କ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛି। ଏହି ଟିମ୍‌ରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଗୁତା ମୁର୍ମୁ, ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ନୁରି ପରବିନ୍ ଏବଂ ଜିଲ୍ଲା ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ଧଳ ପ୍ରମୁଖ ସାମିଲ ଥିଲେ। ଅଧିକାରୀମାନେ ଘଟଣାସ୍ଥଳରେ ଅଗ୍ନିକାଣ୍ଡ ଘଟିବାର ସମ୍ଭାବ୍ୟ କାରଣ, ପାଇପ୍‌ଲାଇନ୍‌ର ସ୍ଥିତି ଏବଂ ଏହାର ଆଖପାଖ ଅଞ୍ଚଳର ପାରିପାର୍ଶ୍ୱିକ ପରିସ୍ଥିତି ସମ୍ପର୍କରେ ଯାଞ୍ଚ କରିଛନ୍ତି। ତଦନ୍ତ ପରେ ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରି ଜିଲ୍ଲା ପ୍ରଶାସନ ନିକଟରେ ରିପୋର୍ଟ ଦାଖଲ କରାଯିବ। ଅନ୍ୟପକ୍ଷରେ, ଏହି ଅଗ୍ନିକାଣ୍ଡ ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି। ଆହତ ବ୍ୟକ୍ତିଙ୍କୁ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଏହି ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ ପାଇପ୍‌ଲାଇନ୍ ଯୋଗେ ଗ୍ୟାସ୍ ଯୋଗାଣ ଓ ସଂଯୋଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଗେଲ୍ ଇଣ୍ଡିଆ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଯଥାଶୀଘ୍ର ଗ୍ୟାସ୍ ସଂଯୋଗ ପୁନଃସ୍ଥାପନ କରିବା ଉପରେ କମ୍ପାନୀ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

ଡ୍ରଗ୍ସ କଣ୍ଟ୍ରୋଲ ଟିମ୍‌ର ଚଢ଼ଉ : ବିପୁଳ ଔଷଧ ଜବତ

କଟକ, ୧୩/୧୦
ନ୍ୟୁଜ ବ୍ୟୁରୋ

କଟକ ଜିଲ୍ଲାର ନିଆଳି ଥାନା ଅନ୍ତର୍ଗତ କଣ୍ଡାପଡ଼ା ଗ୍ରାମରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ବେଆଇନ ଭାବେ ଗଚ୍ଛିତ ବିପୁଳ ପରିମାଣର ଔଷଧ ଜବତ କରାଯାଇଛି। କଟକ ଡ୍ରଗ୍ସ କଣ୍ଟ୍ରୋଲ ଟିମ୍ ଓ ନିଆଳି ଥାନା ପୋଲିସର ମିଳିତ ଉଦ୍ୟମରେ ଅଭିଯୁକ୍ତଙ୍କ ଘରେ ଏହି ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ତୁଷାର ରଞ୍ଜନ ପାଣିଗ୍ରାହୀ, ଡ୍ରଗ୍ସ ଇନ୍‌ସପେକ୍ଟର ବିନାୟକ ଦଳବେହେରା ଓ ଅମିତ ମାଇତିଙ୍କ ସମେତ ନିଆଳି ଥାନାର ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ। ଜବତ ହୋଇଥିବା ଔଷଧଗୁଡ଼ିକର ଉତ୍ସ, ସଂରକ୍ଷଣ ଓ ଆଇନଗତ ବୈଧତା ସମ୍ପର୍କରେ ଆବଶ୍ୟକ ଯାଞ୍ଚ ଓ ତଦନ୍ତ କରାଯିବ। ଏହି ଘଟଣାରେ ଡ୍ରଗ୍ସ ଆଣ୍ଡ କସ୍ମେଟିକ୍ସ ଆଇନର ନିୟମ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଦାଖଲ ସହ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ।

37001/58/2627

୧୬ ତମ ଆନ୍ତର୍ଜାତୀକ ବାଲୁକା କଳା ମହୋତ୍ସବ

୧-୫ ଡିସେମ୍ବର ୨୦୨୬
ଚନ୍ଦ୍ରଭାଗା ବେଳାଭୂମି, କୋଣାର୍କ, ଓଡିଶା



ଶ୍ରୀ ସୁଦର୍ଶନ ପଟ୍ଟନାୟକ (ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ)
ଡ୍ରାଣ୍ଡ ଆମ୍ବାସାଡ଼ର ଆନ୍ତର୍ଜାତୀଜ ବାଲୁକା କଳା ମହୋତ୍ସବ, କୋଣାର୍କ

ଆଗ୍ରହୀ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିବା ପାଇଁ
ପର୍ଯ୍ୟଟନ ବିଭାଗ ୱେବସାଇଟ odishatourism.gov.in ରେ
ଲଗ୍‌ଇନ୍ କରିବାକୁ ଅନୁରୋଧ।

ODISHA
THINK INDIA, THINK ODISHA.

OIPR-37001/37001/2/26-27/0015

କମିଶନରେଟ୍ ପୋଲିସର ଦୁର୍ଗାପୂଜା କଟକଣା

୬ ଦିନ ପାଇଁ ଭାରୀଯାନ ଚଳାଚଳ ବନ୍ଦ

ଭୁବନେଶ୍ୱର, ୧୩/୧୦ ନ୍ୟୁଜ ବ୍ୟୁରୋ

ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ରାଜଧାନୀ । ବିଭିନ୍ନ ପୂଜା କମିଟି ପକ୍ଷରୁ ବଡ଼ ପ୍ରସ୍ତୁତି କରାଯାଉଥିବା ବେଳେ ଟ୍ରାଫିକ୍ ଭିଡ଼ ନିୟନ୍ତ୍ରଣ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହେବ। ଏହାକୁ ଦୃଷ୍ଟିରେ ରଖି ଯାନବାହନଗୁଡ଼ିକର ସୁନିୟନ୍ତ୍ରିତ ଚଳାଚଳ, ଜନସାଧାରଣ ଓ ପଥଚାରୀଙ୍କ ସୁବିଧା ଉଦ୍ଦେଶ୍ୟରେ କମିଶନରେଟ୍ ପୋଲିସ ପକ୍ଷରୁ କଟକଣା ଜାରି କରାଯାଇଛି । ଅକ୍ଟୋବର ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୨ଟାରୁ ରାତି ୨ଟା ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯିବ । ରାଜଧାନୀରେ ୪ଟି ରାସ୍ତାରେ ୪ଟି କମିଟି ପକ୍ଷରୁ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଟ୍ରାଫିକ୍ କଟକଣା ଜାରି କରିଛି କମିଶନରେଟ ପୋଲିସ । ଏପରିକି ବିସର୍ଜନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ନିର୍ଦ୍ଧାରଣ କରାଯାଇଛି । ପୂଜା ୬ ଦିନରେ କୌଣସି ଭାରୀଯାନ ରାଜଧାନୀର ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦେଇ ଯାଇପାରିବେ ନାହିଁ । ରସୁଲଗଡ଼ ଛକଠାରୁ ଲିଙ୍ଗିପୁର ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ବମିଖାଲ, ଲକ୍ଷ୍ମୀସାଗର, କଳ୍ପନା, ରବି ଟକିଜ୍ ଏବଂ ସାମନ୍ତରାପୁର ଛକ ସଂଲଗ୍ନ ରାସ୍ତା) । ବାଣୀବିହାର ଛକଠାରୁ ଶିଶୁଭବନ ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ରୁପାଲି, ସତ୍ୟନଗର, ରାମ ମନ୍ଦିର, ମାଷ୍ଟର କ୍ୟାଣ୍ଟିନ ଏବଂ ରାଜମହଲ ଛକ ସଂଲଗ୍ନ ରାସ୍ତା) । ଆଚାର୍ଯ୍ୟ ବିହାର ଛକଠାରୁ କଳିଙ୍ଗ ହସ୍ପିଟାଲ ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ସୈନିକ ସ୍କୁଲ ଛକ ସଂଲଗ୍ନ ରାସ୍ତା) । ଆଚାର୍ଯ୍ୟ ବିହାର ଛକଠାରୁ ନ୍ୟୁ ଏୟାରପୋର୍ଟ ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ନିକୋ ପାର୍କ, ପଟେଲ ମାର୍ଗ, ହାଉସିଂ ବୋର୍ଡ, ରବୀନ୍ଦ୍ର ମଣ୍ଡପ ଏବଂ ଏଜି ଛକ ସଂଲଗ୍ନ ରାସ୍ତା) । ଜୟଦେବ ବିହାର ଛକଠାରୁ ନନ୍ଦନକାନନ ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ଜାଭିୟର, କଳିଙ୍ଗ ହସ୍ପିଟାଲ, ଡମଣା ଏବଂ ପଟିଆ ଛକ ସଂଲଗ୍ନ ରାସ୍ତା) । ଜୟଦେବ ବିହାର ଛକ ଠାରୁ ରାଜ ଭାବନ ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ବେହେରା ସାହି ଛକ ଏବଂ ଶାସ୍ତ୍ରୀ ନଗର ଛକ ସଂଲଗ୍ନ ରାସ୍ତା) । ସିଆରପି ଛକଠାରୁ ପାୱାର ହାଉସ ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ଷ୍ଟୁଆର୍ଟ ସ୍କୁଲ ଏବଂ ୟୁନିଟ୍ - ୮, ଡିଏଭି ସ୍କୁଲ ସଂଲଗ୍ନ ରାସ୍ତା) । ଫାୟାର ଟ୍ରେନିଂ ସ୍କୁଲ ଛକଠାରୁ ଶିଶୁଭବନ ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ପାଇକନଗର, ଶିରିପୁର ଛକ ଏବଂ ଗଙ୍ଗନଗର ଛକ ସଂଲଗ୍ନ ରାସ୍ତା) । ଖଣ୍ଡଗିରି ଛକଠାରୁ ପୋଖରୀପୁଟ ଛକ ଏବଂ ଏହାକୁ ସଂଯୋଗ କରୁଥିବା ଆଖପାଖ ରାସ୍ତା (ଜାଗମରା ଛକ ଏବଂ ଗଣ୍ଡମୁଣ୍ଡା ଛକ ସଂଲଗ୍ନ ରାସ୍ତା)। ଅକ୍ଟୋବର ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୨ରୁ ରାତି ୨ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ ନିୟମ ଲାଗୁ ହୋଇଛି। ଜାତୀୟ ରାଜପଥ - ୧୬, ବରମୁଣ୍ଡା ଠାରୁ ପଲାସୁଣୀ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ୍ ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପଜସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୭୭୮
Email : utkaldeepika2016@gmail.com